

ଆଖି ଅନ୍ୟସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ ବାବା

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ପକ୍ଷରୁ ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ଖୋଜା କାର୍ଯ୍ୟକ୍ରମ, ସ୍କୁଲ ପରିସର, କେଦାରଗୌରୀ ବିହାର ଓ ଏକାମ୍ର ହାଟ, ସକାଳ ୮ଟାରୁ ରାତି ୮ଟା।
- ଶିବାନନ୍ଦ ସେଣ୍ଟନାରି ବାଳକ ଉଚ୍ଚ ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ବିଦ୍ୟାଳୟ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ୩୩ତମ ଜାତୀୟ ସବଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ, ରେଲୱେ ଇନଡୋର ଷ୍ଟାଡିୟମ, ଅପରାହ୍ନ ୩ଟା।
- ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଇଣ୍ଟରନ୍ୟାଶନାଲ ଗ୍ରୀନ ଫେଷ୍ଟର ଉଦ୍‌ଘାଟନ ଉତ୍ସବ, ହୋଟେଲ ଚନ୍ଦନ, ଅପରାହ୍ନ ୩ଟା ୩୦।
- ଅଧିକାର ପକ୍ଷରୁ 'ଆଗଧାଡ଼ିର ଗଣମାଧ୍ୟମ ଉପରେ ସାମାଜିକ ଗଣମାଧ୍ୟମର ଭୂମିକା ଓ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର, ଉତ୍କଳମଣି ହଲ, ଜୟଦେବ ବିହାର, ଅପରାହ୍ନ ୫ଟା।
- ସୁନୀଲ ଡ୍ୟାନ୍ସ ଏକାଡେମୀର ୫ମ ବାର୍ଷିକ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା ୩୦।
- ଏକାଦଶ ଭରତ ମୁନି ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନକ୍ଷତ୍ର ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ନକ୍ଷତ୍ର ନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟା ଭବନ ଓ ଇନ୍‌ଫୋସିସ ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ମୁକ୍ତମଞ୍ଚ, ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।

**କଟକ**

- କେଆରଟିସି ମୁଣ୍ଡୁଳି ପକ୍ଷରୁ ଯୁପି ପୋଲିସ ସିଭିଲ(କନଷ୍ଟେବଲ)ଙ୍କ ଦ୍ୱିତୀୟ ବ୍ୟାଚ୍‌ର ଦୀକ୍ଷାନ୍ତ ପରେଡ୍, କେଆର୍‌ଟିସି ସେରିମୋନିଆଲ ପରେଡ ଗ୍ରାଉଣ୍ଡ, ସକାଳ ୮ଟା ୧୫।
- ଶ୍ରୀଅରବିନ୍ଦ ସ୍କୁଲ ଅଫ ନ୍ୟୁ ଥଟ୍ ଏବଂ ଶ୍ରୀ ଅରବିନ୍ଦ ସାଇନ୍ସ କଲେଜର ବାର୍ଷିକୋତ୍ସବ, ଅପରାହ୍ନ ୨ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୦ତମ ଶିଶିର ଉତ୍ସବ ଅବସରରେ କବିତା ପାଠୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୫ଟା ୩୦।
- ଜଷ୍ଟିସ ରାଜକିଶୋର ଦାସଙ୍କ ୨୪ତମ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା, ଶହୀଦ ଭବନ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିପାଟଣା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ପୁରୀ**

- ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଘାଟନ ଅବସରରେ ଶୋଭାଯାତ୍ରା, ସିଂହଦ୍ୱାର, ଅପରାହ୍ନ ୩ଟା।
- ମାରୁତୀ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ଶରଧାବାଲି, ଅପରାହ୍ନ ୫ଟା।

## ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ



**ପୁରୀ ଅଫିସ, ୧୫।୧୨:** ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପଯର୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଛି। ମହାପ୍ରଭୁଙ୍କ ପହଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ ତାରିଖଠାରୁ ଆରମ୍ଭ ହୋଇ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୩ଟାରେ ଦ୍ୱାରଫିଟା, ୩ଟା ୩୦ରେ ଭିତରଶୋଧ, ୩ଟା ୪୫ରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୬ଟା ୩୦ରୁ ୯ଟା ସକାଳ ଧୂପ(କେବଳ କୋଠଭୋଗ), ୮ଟା ୪୫ରୁ ୧୦ଟା ୩୦ ଭୋଗମଣ୍ଡପ, ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟାହ୍ନ ଧୂପ(କେବଳ କୋଠଭୋଗ), ୧୨ଟା ୧୫ରୁ ଅପରାହ୍ନ ୨ଟା ଦ୍ୱିତୀୟ ଭୋଗ ମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ନ ୫ଟାରେ ସନ୍ଧ୍ୟା ଆଳତି, ସାଢେ ୬ଟାରୁ ରାତି ୮ଟା ସନ୍ଧ୍ୟା ଧୂପ, ୯ଟାରେ ଚନ୍ଦନ ଲାଗି, ୧୦ଟାରେ ବଡସିଂହାର ବେଶ, ୧୦ଟା ୩୦ ବଡସିଂହାର ଭୋଗ ଏବଂ ୧୧ଟାରେ ରାତ୍ର ପହୁଡ ନୀତି ସମ୍ପନ୍ନ ଲାଗି ନୀତି ଚୂଡ଼ାନ୍ତ ହୋଇଛି।

# ଧ୍ୱଂସାଭିମୁଖୀ ମନ୍ଦିର କାରୁକାର୍ଯ୍ୟ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**



ଓଡ଼ିଶାରେ ଐତିହ୍ୟର ସଂରକ୍ଷଣ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଅଧୀନରେ ରାଜ୍ୟର ୭୯ କୀର୍ତ୍ତିରାଜି ରହିଥିବାବେଳେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ଅଧୀନରେ ରହିଛି ୨୧୮ ଐତିହ୍ୟସ୍ଥଳୀ। ମାତ୍ର ଏଗୁଡ଼ିକର ସଂରକ୍ଷଣ, ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ କ୍ରମାଗତ ଏହା ନଷ୍ଟ ହେବାରେ ଲାଗିଛି। ସମୟ ସ୍ରୋତରେ ଉତ୍କୃଷ୍ଟ ମନ୍ଦିରର କଳାକୃତି ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ମନ୍ଦିର ଗାତ୍ରରୁ ପାରମ୍ପରିକ କାରୁକାର୍ଯ୍ୟ ଲିଭିଯାଉଥିବା ବେଳେ ସେଠାରେ ଆଉ ଦେଖିବାକୁ ମିଳୁନି ପୁରାତନ ଶିଳ୍ପୀଙ୍କ ଛାପ। ଏପଟେ ଯେତେ ପୁନରୁଦ୍ଧାର ଏବଂ ସଂରକ୍ଷଣ ହେଲେ ମଧ୍ୟ ସେଥିରେ ସ୍ଥାନ ପାଉନି ପୁରାତନ କାରୁକାର୍ଯ୍ୟ। ଫଳରେ ଓଡ଼ିଆ ଶିଳ୍ପୀଙ୍କ କୃତିତ୍ୱ ଧୀରେ ଧୀରେ ଲୋପ ପାଇଯାଉଛି।

ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପବନ ମାଡ଼ରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଅଧିକାଂଶ ମନ୍ଦିର ଏବଂ କୀର୍ତ୍ତିରାଜି ନଷ୍ଟ ହୋଇଯାଉଛି। ରାଜଧାନୀ ଭୁବନେଶ୍ୱରରେ ଥିବା ପ୍ରାୟ ୨୦ ମନ୍ଦିର ଏବେ ଧ୍ୱଂସାଭିମୁଖୀ ଅବସ୍ଥାରେ ପହଞ୍ଚିଛି। ଗତକିଛି ବର୍ଷ ହେଲା ରାଜ୍ୟ ସଂସ୍କୃତି ବିଭାଗ ଏବଂ ଏଏସ୍‌ଆଇ ମନ୍ଦିରଗୁଡ଼ିକର ପୁନରୁଦ୍ଧାର କରିବା ସହ ପୂର୍ବ ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ଗୁରୁତ୍ୱ ଦେଉଛି। ହେଲେ ତାହା ଫଳପ୍ରଦ ହେଉନାହିଁ। କୋଣାର୍କ ମନ୍ଦିରର ସଂରକ୍ଷଣ କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ସେଥିରେ ପୂର୍ବ କଳାକୃତି ଆଉ ଦେଖିବାକୁ ମିଳୁନି। ମନ୍ଦିରର ଅଧିକାଂଶ ସ୍ଥାନରେ ସାଧା ପଥର ଖଞ୍ଜାଯାଇ କାର୍ଯ୍ୟ କରାଯାଉଛି। ଫଳରେ ସୂର୍ଯ୍ୟ ମନ୍ଦିରର ପୁରାତନ କାରୁକାର୍ଯ୍ୟ ନଷ୍ଟ ହୋଇଗଲାଣି। ସେହିପରି ପୁରୀ ଶ୍ରୀମନ୍ଦିରର ମରାମତି ସମୟରେ କଳାକୃତି ଲୋପପାଉଥିବା ଅଭିଯୋଗ ହେବାପରେ ଏଏସ୍‌ଆଇ ସେଥିପ୍ରତି ଦୃଷ୍ଟି ଦେଉଛି। ରାଜ୍ୟ ସଂସ୍କୃତି ବିଭାଗ ଅଧୀନ ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥା ଦ୍ୱାରା ପୁରୀ ମାଣିକପାଟଣାର ଭବକୁଣ୍ଡଳେଶ୍ୱର ମନ୍ଦିର, ବାଲିହରଚଣ୍ଡୀର ହରଚଣ୍ଡୀ ମନ୍ଦିର, ଗଞ୍ଜାମ କଣ୍ଟିଆଗଡ଼ରେ ଥିବା ବଟେଶ୍ୱର ମନ୍ଦିର, କେନ୍ଦ୍ରାପଡ଼ା ଜିଲା ପେଣ୍ଠରେ ଥିବା ଜଗନ୍ନାଥ ମନ୍ଦିର, ଚିଲିକା ନିକଟ ନଇରୀରେ ଥିବା ହରିହର ମନ୍ଦିର ଆଦିର ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା। ହେଲେ ଏଠାରେ ମଧ୍ୟ ମନ୍ଦିର କଳାକୃତିର ଛାପ କିଛି ଅଂଶରେ କ୍ଷୟ ହେଉଥିବା ଅଭିଯୋଗ ହୋଇଛି। ମନ୍ଦିର ଗାତ୍ରରୁ ଏଭଳି କଳାକୃତି ଧୀରେ ଧୀରେ ଲିଭିଯିବା ନେଇ ବିଶିଷ୍ଟ ଶିଳ୍ପୀମାନେ ସ୍ୱର ଉଠାଇଛନ୍ତି। ଯଦି ଏବେଠାରୁ ଏ ଦିଗରେ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଓଡ଼ିଶାର ମନ୍ଦିର କଳାକୃତି ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଓଡ଼ିଶା ଷ୍ଟେଟ୍ ଆର୍କିଓଲୋଜି ସୁପରିଣ୍ଟେଣ୍ଡେଣ୍ଟ ସଂଘମିତ୍ରା ଶତପଥୀ କହିଛନ୍ତି, ମନ୍ଦିର କାରୁକାର୍ଯ୍ୟର ସଂରକ୍ଷଣ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏବେ ୮୩ ମନ୍ଦିର ସଂରକ୍ଷଣ କାମ ପାଇଁ ଅନୁମତି ମିଳିଥିବାବେଳେ ୩୦ଟିର କାମ ଚାଲିଛି। ଏବେ ବି ଆମ ପାଖରେ ହଜାର ହଜାର ପ୍ରସ୍ତାବ ପଡ଼ିରହିଛି ବୋଲି ଶତପଥୀ କହିଛନ୍ତି।

### ଓଡ଼ିଶାରେ ରେଖ, ପିଢ଼ ଡିଜାଇନ୍‌ର ଅଧିକାଂଶ ମନ୍ଦିର

ଦେଶରେ ଥିବା ମନ୍ଦିରଗୁଡିକଠାରୁ ଓଡ଼ିଶାର ମନ୍ଦିର କଳାକୃତି ସମ୍ପୂର୍ଣ୍ଣ ଭିନ୍ନ। ରେଖ, ପିଢ଼ ଏବଂ ଖାଗା ଭଳି ଏଠାରେ ସାଧାରଣତଃ ୩ ପ୍ରକାରର ମନ୍ଦିର ଦେଖିବାକୁ ମିଳିଥାଏ। ଏହି ୩ ଆକୃତିର ମନ୍ଦିର ମଧ୍ୟରୁ ରେଖ ଏବଂ ପିଢ଼ ଡିଜାଇନ୍ ମନ୍ଦିର ଓଡ଼ିଶାରେ ସର୍ବାଧିକ। ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ମଧ୍ୟ ଏହି ଆକୃତିର ମନ୍ଦିର ସଂଖ୍ୟା ବେଶି। ମନ୍ଦିରର ଡିଜାଇନ୍ ସାଙ୍ଗକୁ ଏହାର ଚାରିପାଖର କଳାକୃତି ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଅଧିକାଂଶ ମନ୍ଦିରରେ କୃଷ୍ଣଙ୍କ ଗୋପଲୀଳା ସାଙ୍ଗକୁ ନର୍ତ୍ତକୀଙ୍କ ଅର୍ଦ୍ଧନଗ୍ନ ନୃତ୍ୟ ଆକର୍ଷଣୀୟ। ମନ୍ଦିର ଚତୁଃପାର୍ଶ୍ୱରେ ଖୋଦିତ ଏଭଳି କଳାକୃତି ଓଡ଼ିଆ ଶିଳ୍ପୀଙ୍କ ଭିନ୍ନତାକୁ ଦର୍ଶାଇଥାଏ। ହେଲେ ଧୀରେ ଧୀରେ ମନ୍ଦିରଗୁଡିକରେ ଖୋଦିତ କଳାକୃତି ଲୋପ ପାଇବାକୁ ବସିଛି।



## ପ୍ରତିରକ୍ଷା ବାହିନୀରେ ଯୋଗଦେବାକୁ ଆହ୍ୱାନ




**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ସୈନିକ ସ୍କୁଲ ପୁରାତନ ଛାତ୍ର ସଂସଦ ଏବଂ ଓଡ଼ିଶା ଖଣି ନିଗମ ପକ୍ଷରୁ ଗଣଦୌଡ଼ 'ଫିଟ୍ ଇଣ୍ଡିଆ' ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ସୈନିକ ସ୍କୁଲର ୫୦୦ ଶିକ୍ଷାର୍ଥୀ ଓ ୨୦୦ ପୁରାତନ ଛାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ ପ୍ରାୟ ୧୫୦୦ରୁ ଅଧିକ ସହଯୋଗୀ ଭାଗ ନେଇଥିଲେ। ଯୁବଗୋଷ୍ଠୀଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ, ଆଦର୍ଶ ଓ ଜାତୀୟତାବାଦର ଭାବ ଉଦ୍ରେକ କରି ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବାକୁ ପ୍ରୋତ୍ସାହନ ସୃଷ୍ଟି କରାଯାଇଥିଲା। ସୈନିକ ସ୍କୁଲ ଗେଟ୍ ପାଖରୁ ଗଣଦୌଡ଼ ଆରମ୍ଭ ହୋଇ ସପ୍ତମ ବାଟାଲିୟନ, ନାଲ୍‌କୋ-କଳିଙ୍ଗ ହସ୍ପିଟାଲ ଛକ, ଜୟଦେବ ବିହାର, ଆଚାର୍ଯ୍ୟବିହାର, ଆପୋଲୋ ହସ୍ପିଟାଲ ଦେଇ ୭.୩ କି.ମି. ଅତିକ୍ରମ କରି ସୈନିକ ସ୍କୁଲ ଗାନ୍ଧୀ ଷ୍ଟାଡିୟମରେ ଶେଷ ହୋଇଥିଲା। ଲ୍ୟୁଟନାଣ୍ଟ ଜେନେରାଲ ଜେ.କେ. ମହାନ୍ତି, ସୈନିକ ସ୍କୁଲ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଡୋମିନିକ୍ ରାୟନ ଓ ଡିସିପି ଅନୁପ ସାହୁ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ସୈନିକ ସ୍କୁଲର ପୁରାତନ ଛାତ୍ର ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସୈନିକ ସ୍କୁଲର ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା, ଉପାଧ୍ୟକ୍ଷ ୱିଙ୍ଗ୍ କମାଣ୍ଡର ଅମିତାଭ ରଞ୍ଜନ, ପୁରାତନ ଛାତ୍ର ସଂସଦ ସଭାପତି ଅମିତାଭ ସ୍ୱାଇଁ, ସେକ୍ରେଟାରି ଡା. ନିରଞ୍ଜନ ପାଢ଼ୀ, ଓଡ଼ିଶା ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ପ୍ରଶାସକ ମଧୁସୂଦନ ପାଢ଼ୀ, ବରିଷ୍ଠ ଅଧ୍ୟାପକ ବିଘ୍ନେଶ୍ୱର ପ୍ରଧାନ, ବହୁ ପୁରାତନ ଛାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ କ୍ୟାଡେଟ୍‌ଗଣ ଉପସ୍ଥିତ ଥିଲେ।

## ଜେଲ୍ ଅନ୍ତେବାସୀଙ୍କ ପାଇଁ ସଙ୍ଗୀତ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ଜେଲ୍ ଭିତରେ ଥିବା ଅନ୍ତେବାସୀଙ୍କୁ ଖୁସି ଦେବା ସହ ସେମାନଙ୍କ ମନରେ ସକାରାତ୍ମକ ଭାବନା ଜାଗ୍ରତ କରିବା ପାଇଁ ରୋଟାରୀ କ୍ଲବ୍ ଅଣ୍ଟା ଭିଡିଛି। ଭୁବନେଶ୍ୱର ଏକାମ୍ର କ୍ଷେତ୍ର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ଝାରପଡ଼ା ଜେଲ୍ ପରିସରରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ୩୨୬୨ ରୋଟାରୀ ଜିଲା ଗଭର୍ଣ୍ଣର ରୋଟାରିଆନ ଦେବାଶିଷ ମିଶ୍ର ମୁଖ୍ୟଅତିଥି ଓ ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରର ସୁପରିଟେଣ୍ଡେଣ୍ଟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜେଲ୍ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତଗାଇ ମନୋରଞ୍ଜନ କରିଥିଲେ। କ୍ଲବ୍ ସଭାପତି ଡ. ରେଖା ଦାସ, ସମ୍ପାଦିକା ବାଣୀ ସେନ୍‌ଗୁପ୍ତା ଓ ଅନ୍ୟ ସଦସ୍ୟଙ୍କ ସହ ବିଭିନ୍ନ କ୍ଲବ୍‌ର ସଭାପତି ସମ୍ପାଦକ ଉପସ୍ଥିତ ଥିଲେ।




ଝାରପଡ଼ା ଜେଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବଣିକ୍‌ର ୬ଷ୍ଠ ପ୍ରତିଷ୍ଠା ଦିବସ: ୪୦୦ ଛାତ୍ରୀଛାତ୍ର ପୁରସ୍କୃତ




**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ବଣିକ୍ ପ୍ରତିଷ୍ଠାନର ୬ଷ୍ଠ ପ୍ରତିଷ୍ଠା ଦିବସ ଏବଂ ସମ୍ମାନ ପର୍ବ ରବିବାର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନରୁ ଶିକ୍ଷାଲାଭ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଣିକ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଦ୍ୟୁତୀ ଚାନ୍ଦ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନର ୪୦୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ସ୍ମୃତିରଞ୍ଜନ ଛାଟୋଇ, ପ୍ରମୋଦ ପାଢ଼ୀ, ଗଣେଶ ଖଟୁଆ, ବିକାଶ ଦାସ ଏବଂ ଅନ୍ୟ ବରିଷ୍ଠ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ହଷ୍ଟେଲରୁ ଛାତ୍ରୀ ନିଖୋଜ

**ପୁରୀ ଅଫିସ, ୧୫।୧୨**

ଦତ୍ତତୋଟାସ୍ଥିତ ଏକ ଘରୋଇ ହଷ୍ଟେଲରୁ ସରକାରୀ ମହିଳା ମହାବିଦ୍ୟାଳୟର ଜଣେ ଯୁକ୍ତ୨ ଛାତ୍ରୀ ନିଖୋଜ ଥିବା ନେଇ କୁମ୍ଭାରପଡା ଥାନାରେ ରବିବାର ତାଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। ଗତ ନଭେମ୍ବର ୨୯ ଅପରାହ୍ନ ପରଠାରୁ ସେ ନିଖୋଜ ଥିବା ନେଇ ବିଳମ୍ବିତ ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ଗତ ୧ ତାରିଖରେ ସଦର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପରିବାର ଲୋକେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହା ପଛରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ହାତ ରହିଥିବା ସନ୍ଦେହ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୁବ୍ରତ



ପ୍ରସନ୍ନ



ମନୋଜ



ପ୍ରତି



ସ୍ମୃତିରଞ୍ଜନ



ଚିତ୍ତରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ହୁଅନ୍ତୁ ନିଜ ନିବେଶର ସୁପରହିରୋ




ଭିନ୍ନ ଲୋକଙ୍କ ପାଇଁ ଭିନ୍ନ ନିବେଶ ଷ୍ଟାଇଲ୍ ଆବଶ୍ୟକ ହୋଇଥାଏ। ଏହାର କାରଣ ହେଉଛି ସମସ୍ତଙ୍କ ଆବଶ୍ୟକତା, ଅଭିଳାଷ, ଦାୟିତ୍ୱ ଓ ଆୟରେ ଭିନ୍ନତା ରହିଥାଏ। ଏହାକୁ ବୁଝିବା ପାଇଁ ଆସନ୍ତୁ ଦୁଇଜଣ ବ୍ୟକ୍ତିଙ୍କ ଆର୍ଥିକ ଜୀବନକୁ ନିରିଖେଇ ଦେଖିବା:

| ଗୌରବ | ପରିସ୍ଥିତି | ସୌରଭ |
|---|---|---|
| ୨୫ ବର୍ଷ | ବୟସ | ୨୫ ବର୍ଷ |
| ମାତାପିତା, ଭଉଣୀ ଓ ସ୍ତ୍ରୀ | ପରିବାର ସଦସ୍ୟ | ବୃଦ୍ଧ ମାତାପିତା |
| ମାସିକ ₹୨୦,୦୦୦ ଟଙ୍କା | ଟିକସ-ବାଦ ଆୟ | ମାସିକ ₹୫୦,୦୦୦ ଟଙ୍କା |
| ଶୂନ୍ୟ | ସ୍ଥିର ମାସିକ ଖର୍ଚ୍ଚ | ₹୪୦,୦୦୦ |
| ନବବିବାହିତ | ବୈବାହିକ ସ୍ଥିତି | ଅବିବାହିତ |
| ନା | ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି | ହଁ |
| ମାସିକ ₹୨,୦୦୦ ଟଙ୍କା | ସଞ୍ଚୟ | ମାସିକ ₹୧,୦୦୦ ଟଙ୍କା |
| ନା | ଆର୍ଥିକ ଯୋଜନା | ନା |
| ନା | କରଜ | ହଁ |
| ଶୂନ୍ୟ | ନିବେଶ | ଶୂନ୍ୟ |

### ବିଶ୍ଳେଷଣ: ଗୌରବ

| ଅନୁକୂଳ | ପ୍ରତିକୂଳ |
|---|---|
| ବୟସ | ସ୍ୱଳ୍ପ ଆୟ |
| କୌଣସି କରଜ ନାହିଁ | କୌଣସି ଆର୍ଥିକ ଯୋଜନା ନାହିଁ |
| ନିୟମିତ ସଞ୍ଚୟ | କୌଣସି ନିବେଶ ନାହିଁ |

ଗୌରବ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ନୁହନ୍ତି କାରଣ ସେ ଏହି ଦାୟିତ୍ୱ ତାଙ୍କ ଭଉଣୀ ଓ ସ୍ତ୍ରୀଙ୍କ ସହ ଭାଗ କରନ୍ତି। କିନ୍ତୁ ଖୁବ୍‌ଶୀଘ୍ର ସେ ବି ଏକ ପରିବାର ଆରମ୍ଭ କରିବାକୁ ଯାଉଛନ୍ତି। ଯେମିତି ହେଉ ନା କାହିଁକି ତାଙ୍କୁ ନିଜ ଆର୍ଥିକ ଜୀବନର ଯୋଜନା ପ୍ରସ୍ତୁତ କରିବାକୁ ହେବ ଏବଂ ନିଜ ଭବିଷ୍ୟତ ପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ ହେବ।

### ବିଶ୍ଳେଷଣ: ସୌରଭ

| ଅନୁକୂଳ | ପ୍ରତିକୂଳ |
|---|---|
| ବୟସ | ଋଣ |
| ଉଚ୍ଚ ଆୟ | କୌଣସି ଆର୍ଥିକ ଯୋଜନା ନାହିଁ |
| ନିୟମିତ ସଞ୍ଚୟ | କୌଣସି ନିବେଶ ନାହିଁ |

ନିଜ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ କରିବା ସୌରଭଙ୍କ ଦାୟିତ୍ୱ। ଶୀଘ୍ର ହେଉ କି ବିଳମ୍ବରେ ସେ ମଧ୍ୟ ନିଜର ଏକ ପରିବାର ଆରମ୍ଭ କରିବେ। କରଜରେ ଥିଲେ ବି, ଜରୁରିକାଳୀନ ପରିସ୍ଥିତି ପାଇଁ ସେ ଅଳ୍ପକିଛି ଟଙ୍କା ଅଲଗା ସଞ୍ଚୟ କରୁଛନ୍ତି। ନିଜ ଋଣ ବୋଝକୁ ହ୍ରାସ କରିବା ପାଇଁ ତାଙ୍କୁ ଏକ ଆର୍ଥିକ ଯୋଜନା ପ୍ରସ୍ତୁତ କରିବାକୁ ହେବ, ସ୍ମାର୍ଟ ଭାବେ ସଞ୍ଚୟ କରିବାକୁ ହେବ, ନିୟମିତ ନିବେଶ କରି ନିଜ ଟଙ୍କାକୁ ବୃଦ୍ଧି କରିବାକୁ ହେବ।



ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଗୌରବ ଓ ସୌରଭ ନିଜ ଆର୍ଥିକ ସ୍ଥିତିକୁ କିପରି ଭଲ କରିପାରିବେ? ନିଜେ ନିଜର ନିବେଶର ସୁପରହିରୋ ହୋଇ! ଉଭୟ ମାମଲା ସନ୍ଦର୍ଭରେ ଆସନ୍ତୁ ଏହାକୁ ବୁଝିବା।

### ମାମଲା ଅଧ୍ୟୟନ: ଗୌରବ

| ନିବେଶ କରିପାରିବେ | କାରଣ | ଲାଭ |
|---|---|---|
| ଏକ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଜରିଆରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ | • ଯୁବ ବୟସ<br>• ସ୍ୱଳ୍ପ ଦାୟିତ୍ୱ<br>• ନିୟମିତ ସଞ୍ଚୟ | ଦୀର୍ଘ ମିଆଦରେ ଭଲ ରିଟର୍ନ ପାଇପାରିବେ |
| ଡେବ୍‌ଟ ମ୍ୟୁଚୁଆଲ ଫଣ୍ଡରେ | • ଏଥିପାଇଁ ତାଙ୍କ ପାଖରେ ଟଙ୍କା ରହିଛି | ପଡ଼ିରହିଥିବା ଟଙ୍କା ଉପରେ ସୁରକ୍ଷିତ ଭାବେ ରିଟର୍ନ ଆୟ |

### ମାମଲା ଅଧ୍ୟୟନ: ସୌରଭ

| ନିବେଶ କରିପାରିବେ | କାରଣ | ଲାଭ |
|---|---|---|
| ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍)ରେ | • ଯୁବ ବୟସ<br>• ଟିକସ ପୈଠ କରୁଛନ୍ତି<br>• ସମ୍ପତ୍ତି ଗଢ଼ିବାର ଆବଶ୍ୟକତା ରହିଛି | ଇକ୍ୱିଟି ବଜାରରୁ ଲାଭାନ୍ୱିତ ହେବା ସହ ଟିକସ ବଞ୍ଚାଇପାରିବେ |
| ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ | • ଏକମାତ୍ର ରୋଜଗାରକ୍ଷମ | ଜରୁରିକାଳୀନ ପରିସ୍ଥିତିରେ ଆର୍ଥିକ ସହାୟତା |
| ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡରେ | • ମଧ୍ୟମ ରିସ୍କ ସାମର୍ଥ୍ୟ<br>• ସମ୍ପତ୍ତି ଗଢ଼ିବାର ଆବଶ୍ୟକତା ରହିଛି | ମଧ୍ୟମ ରିସ୍କ ସହିତ ମଧ୍ୟମ ରିଟର୍ନ ଆୟ କରିପାରିବେ |

ମ୍ୟୁଚୁଆଲ ଫଣ୍ଡସ୍‌କୁ ଧନ୍ୟବାଦ, ଗୌରବ ଓ ସୌରଭ ଏବେ ନିବେଶ ସୁପରହିରୋ ହୋଇପାରିବେ। ତେବେ, ଆପଣଙ୍କ ସୁପରପାୱାର୍ କ'ଣ?

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରିବାକୁ ଚାହୁଁଛି କିନ୍ତୁ ମୋ ପାଇଁ କେଉଁ ମ୍ୟୁଚୁଆଲ ଫଣ୍ଡ ଠିକ୍ ହେବ ତାହା ମୁଁ କେମିତି ଜାଣିବି?



ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି
ଅଶୋକ ଆର୍ ଡି
ଆର୍ଥିକ ବିଶେଷଜ୍ଞ

ମ୍ୟୁଚୁଆଲ ଫଣ୍ଡ ଯୋଗାଉଥିବା ଲାଭଗୁଡ଼ିକ ପାଇଁ ବ୍ୟକ୍ତିବିଶେଷ ନିବେଶକଙ୍କ ମଧ୍ୟରେ ଏହି ନିବେଶ ଆଦୃତି ଲାଭ କରିବାରେ ଲାଗିଛି। ଏହାର ଅନେକ ଉପକାରିତା ରହିଛି, ଯାହା ମଧ୍ୟରୁ ମ୍ୟୁଚୁଆଲ ଫଣ୍ଡ ଆଡ଼କୁ ନିବେଶକଙ୍କୁ ଆକୃଷ୍ଟ କରୁଥିବା ମୁଖ୍ୟ ଦିଗଗୁଡ଼ିକ ହେଲା ଯେ ନିବେଶକମାନେ

- ଯେକୌଣସି ଅର୍ଥରାଶି ସହିତ ନିବେଶ ଆରମ୍ଭ କରିପାରିବେ (୫୦୦ ଭଳି କମ୍ ମୂଲ୍ୟ ସହିତ)
- ଡେବ୍‌ଟ, ଗୋଲ୍ଡ ଇତ୍ୟାଦି ଭଳି ଏକାଧିକ ଷ୍ଟକ୍ ଓ ଇନଷ୍ଟ୍ରୁମେଣ୍ଟରେ ବିବିଧକରଣ କରିପାରିବେ
- ସ୍ୱୟଂଚାଳିତ ମାସିକ ନିବେଶ (ଏସ୍‌ଆଇପି) ଆରମ୍ଭ କରିପାରିବେ
- ଡିମାଟ୍ ଖାତା ଖୋଲିବା ବିନା ନିବେଶ କରିପାରିବେ

ନିବେଶର ଠିକ୍ ଉପାୟ ହେଉଛି ଏକ ପୋର୍ଟଫୋଲିଓ ଗଠନ କରିବା। ଏକ ପୋର୍ଟଫୋଲିଓ ହେଉଛି ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଏକ ସଂଗ୍ରହ ଯାହା ଆପଣଙ୍କୁ ଆପଣଙ୍କ ନିବେଶ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିଥାଏ। ଆପଣଙ୍କ ମୋଟାମୋଟି ପୋର୍ଟଫୋଲିଓ ଉପରେ ମୋଟାମୋଟି ରିଟର୍ନ ମହତ୍ତ୍ୱ ରଖିଥାଏ, ଏକ ନିର୍ଦ୍ଦିଷ୍ଟ ଫଣ୍ଡ ନୁହେଁ।

## ଗୁରୁ କୁହନ୍ତି



ବାଲାଜୀ ଜି କେ
ମୁଖ୍ୟ – ବିତରଣ
ଟ୍ରେଡ୍‌ଜିନି ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରା. ଲିଃ

**ମୋ ବୟସ ୪୨ ବର୍ଷ ଓ ମୁଁ ପରବର୍ତ୍ତୀ ୧୫ ବର୍ଷ ପାଇଁ ନିବେଶ କରିପାରିବି। ମୋର ଲକ୍ଷ୍ୟଗୁଡ଼ିକ ହେଉଛି: କ) ୬ ବର୍ଷରେ ପିଲାଙ୍କ ଉଚ୍ଚଶିକ୍ଷା ଖ) ୧୫ ବର୍ଷରେ ଅବସରକାଳୀନ ପାଣ୍ଠି।**

"ଯୋଜନାରେ ଆପଣ ଅତିବାହିତ କରୁଥିବା ପ୍ରତ୍ୟେକ ମିନିଟ୍ କାର୍ଯ୍ୟ ସମ୍ପାଦନରେ ୧୦ ମିନିଟ୍ ସଞ୍ଚୟ କରିଥାଏ, ଏହା ଉର୍ଜା ଉପରେ ଆପଣଙ୍କୁ ୧୦୦୦% ରିଟର୍ନ ଯୋଗାଇଥାଏ"। ଆର୍ଥିକ ସ୍ୱାଧୀନତା ହାସଲ କରିବାର ଚାବିକାଠି ହେଉଛି ସମୟ ଓ ଟଙ୍କାର ସୁଦକ୍ଷ ଉପଯୋଗ।

ପିଲାଙ୍କ ଶିକ୍ଷା ପାଇଁ, ଯେହେତୁ ୬ ବର୍ଷ ସମୟ ଅଛି, ତେଣୁ ଆପଣ ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ଆରମ୍ଭ କରିପାରିବେ। ଲାଭ ଉପରେ ଉତ୍ତମ ଟିକସ ଲାଭ ସହିତ ଇକ୍ୱିଟି ଓ ଡେବ୍‌ଟ ପୋର୍ଟଫୋଲିଓର ଆଦର୍ଶ ମିଶ୍ରଣ ଏହାକୁ ଅତି ଆକର୍ଷଣୀୟ କରିଥାଏ। ପ୍ରଚଳିତ ଦରରେ ଶିକ୍ଷା ପିଛା ପ୍ରତ୍ୟେକ ୧୦ ଲକ୍ଷ ପାଇଁ ଆପଣ ପରବର୍ତ୍ତୀ ୬ ବର୍ଷ ପାଇଁ ମାସିକ ₹୧୩,୦୦୦ ଆବଶ୍ୟକ କରିବେ। ଅବସରକାଳୀନ ପାଣ୍ଠି ପାଇଁ, ଯେହେତୁ ଆପଣଙ୍କ ପାଖରେ ୧୫ ବର୍ଷ ସମୟ ଅଛି, ତେଣୁ ଆପଣ ଇକ୍ୱିଟି ଫଣ୍ଡରେ ନିବେଶ କରିବା କଥା ବିଚାର କରିପାରନ୍ତି। ଆନୁମାନିକ ଭାବେ ଆକଳନ କଲେ, ୧ କୋଟି ଟଙ୍କାର ଏକ ଅବସରକାଳୀନ ପାଣ୍ଠି ପାଇଁ ଆପଣଙ୍କୁ ପରବର୍ତ୍ତୀ ୧୫ ବର୍ଷରେ ମାସିକ ₹୨୦,୦୦୦ ସଞ୍ଚୟ କରିବାକୁ ହେବ। ଦୀର୍ଘ-ମିଆଦୀ ନିବେଶ ବିଶେଷ କରି ଅବସରକାଳୀନ ପାଣ୍ଠି ପାଇଁ ଏକ ବିବିଧକୃତ ଇକ୍ୱିଟି ପୋର୍ଟଫୋଲିଓ ସର୍ବୋତ୍ତମ ଆସେଟ୍ କ୍ଲାସ୍ ହେବ। ନିବେଶ ପ୍ରସଙ୍ଗରେ ସମୟ ଓ ଟଙ୍କା କାହାକୁ ଅପେକ୍ଷା କରି ନ ଥାଏ।

**ଏହାପରେ କ'ଣ:** ଆରିଷ୍ଟୋଟଲଙ୍କ ଭାଷାରେ ଧୈର୍ଯ୍ୟ ପିତା ହୋଇପାରେ, କିନ୍ତୁ ଏହାର ଫଳ ମଧୁର ହୋଇଥାଏ। ଏହାପରେ, ଆମେ ଦେଖିବା ଯେ କିପରି ନିବେଶ ସମୟରେ ଧୈର୍ଯ୍ୟ ରଖିଲେ ଜଣେ କୋଟିପତି ହୋଇପାରିବେ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ପାଠକୀୟ ମତ

କୌଣସି ଲକ୍ଷ୍ୟ ନ ରଖି ସଞ୍ଚୟ କରିବା ତୁଳନାରେ ଲକ୍ଷ୍ୟକୁ ଆଖିରେ ରଖି ନିବେଶ କରିବା ଅଧିକ ଫଳପ୍ରଦ ବୋଲି ଆପଣ ଭାବନ୍ତି କି?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ। Poll<SPACE>YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ। ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଫଳାଫଳ

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ଆପଣଙ୍କ ହାତରେ ପର୍ଯ୍ୟାପ୍ତ ସମୟ ଥିଲେ, ଆପଣ ନିଜ ସନ୍ତାନର ବାହାଘର ପାଇଁ ଋଣ ନେବା ବଦଳରେ ନିବେଶ କରିବା ପସନ୍ଦ କରିବେ କି?

ଆପଣମାନଙ୍କ ମତାମତ ଏହିପରି ଥିଲା: ହଁ ୯୨% | ନା ୮%

### ବିଶେଷଜ୍ଞଙ୍କ ମତ

ବାହାଘର ପାଇଁ ପାଣ୍ଠି ହାସଲ କରିବା ନିମନ୍ତେ ଋଣ ଏକ ଦ୍ରୁତତର ଉପାୟ ହୋଇପାରେ। କିନ୍ତୁ ଏହା ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥାଏ କାରଣ ବାହାଘର ପାଇଁ ବ୍ୟକ୍ତିଗତ ଋଣ ଉପରେ ସୁଧ ହାର ୧୧ରୁ ୨୪ ପ୍ରତିଶତ ହୋଇପାରେ। ଆପଣଙ୍କୁ ଆପଣଙ୍କ ପିଲାଙ୍କ ବାହାଘରର ଅନେକ ବର୍ଷ ପର୍ଯ୍ୟନ୍ତ ଋଣ ଶୁଝିବାକୁ ପଡ଼ିପାରେ। ଏହା ପରିବର୍ତ୍ତେ, ଯଦି ଆପଣ ସଥଳ ଯୋଜନା କରିବେ ଓ ନିବେଶ କରିବେ, ତେବେ ଆପଣ ନିଜ ଟଙ୍କାରେ ବାହାଘର ତୁଲାଇବା ପାଇଁ ସ୍ଥିର ଭାବେ ଏକ ପାଣ୍ଠି ଗଠନ କରିପାରିବେ।



**ଏସ୍‌ଆଇପି ସହଜରେ ଆପଣଙ୍କ ଟିକସଯୋଗ୍ୟ ଆୟକୁ କମ୍ କରିପାରିବ**

ନିଜ ଟିକସର ଯୋଜନା କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ। ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com




ସବୁ ଭଲ ଜିନିଷ ବୃଦ୍ଧି ପାଇବା ପାଇଁ ସମୟ ନେଇଥାଏ। ଉଦାହରଣସ୍ୱରୂପ, ବୃକ୍ଷ। ଏହା ବଢ଼ିବା ପାଇଁ ୧୦-୨୦ ବର୍ଷ ନେଇଥାଏ କିନ୍ତୁ ଏହା ଯୋଗାଉଥିବା ଲାଭଗୁଡ଼ିକ ଅସୁମାରୀ - ପ୍ରଦୂଷଣ ନିୟନ୍ତ୍ରଣ, ଫଳ, ଛାୟା ଇତ୍ୟାଦି। ଆପଣଙ୍କ ଟଙ୍କା ମଧ୍ୟ ସେହିଭଳି। ଏହାକୁ ନିବେଶ କରନ୍ତୁ, କିଛି ବର୍ଷ ଦିଅନ୍ତୁ, ଆଉ ଯାଦୁ ଦେଖନ୍ତୁ!



### କେଉଁଠି ନିବେଶ କରିବେ?

ସ୍ୱଳ୍ପମିଆଦରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଅସ୍ଥିର ହୋଇଥାଏ। କିନ୍ତୁ ଏହି ଅସ୍ଥିରତାକୁ ଆପଣଙ୍କ ଚିନ୍ତାର କାରଣ ହେବାକୁ ଦିଅନ୍ତୁ ନାହିଁ। ଯାହା ବି ହେଉ ନା କାହିଁକି, ଦୀର୍ଘମିଆଦରେ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବାର ସାମର୍ଥ୍ୟ ମ୍ୟୁଚୁଆଲ ଫଣ୍ଡର ରହିଛି। ୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା, ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ବିଗତ ୩୩ ବର୍ଷର କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ୧୫.୫% ରହିଥିଲା।

**ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ଫାଇଦା ନେଇ ଆପଣ କିପରି କୋଟିପତି ହୋଇପାରିବେ ଆସନ୍ତୁ ତାହା ବୁଝିବା:**

| | | |
|---|---|---|
| ମାସିକ ନିବେଶ ପରିମାଣ | ₹୧୦,୦୦୦ | ₹୧୦,୦୦୦ |
| ନିବେଶ ମିଆଦ | ୨୫ ବର୍ଷ | ୫ ବର୍ଷ |
| ରିଟର୍ନ ହାର | ୧୨%* | ୧୨%* |
| ୨୫ ବର୍ଷ ପରେ ନିବେଶ ମୂଲ୍ୟ | ₹୧,୭୦,୨୨,୦୬୭ | ₹୮,୧୧,୦୩୬ |

*ଉପରୋକ୍ତ ସାରଣୀ କେବଳ ଦୃଷ୍ଟାନ୍ତମୂଳକ ଉଦ୍ଦେଶ୍ୟ ପାଇଁ। ଏହି ହିସାବରେ, ଦୀର୍ଘମିଆଦରେ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ରିଟର୍ନ ସମ୍ଭାବନା ୧୨%ର ବାର୍ଷିକ ରିଟର୍ନ ଆକଳନ କରାଯାଇଛି।

'କେବେ ବନିବେ କୋଟିପତି' ତାହା ଏବେ ଆପଣ ଜାଣିପାରିଲେ? ଆପଙ୍କ ପ୍ରତୀକ୍ଷା ଦୀର୍ଘ ହୋଇପାରେ କିନ୍ତୁ ତାହାର ଫଳ ନିଶ୍ଚୟ ମିଠା ହୋଇଥାଏ।

ଉଚ୍ଚତର ରିଟର୍ନ ବ୍ୟତୀତ, ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘମିଆଦୀ ନିବେଶ ନିମ୍ନଲିଖିତ ଲାଭ ଦେଇଥାଏ:

- ଏକ ନିହିତ ଲାଭ ହେଉଛି ଆପଣଙ୍କ ଟଙ୍କାର ଯତ୍ନ ବୃତ୍ତିଧାରୀ ବିଶେଷଜ୍ଞମାନଙ୍କ ଦ୍ୱାରା ନିଆଯିବ।
- ନିବେଶ ରିସ୍କ ବିବିଧକୃତ ହୋଇଯିବ କାରଣ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଆପଣଙ୍କ ଟଙ୍କାକୁ ବିଭିନ୍ନ ସେକ୍ଟର ବା କ୍ଷେତ୍ରରେ ନିବେଶ କରିଥାଏ।
- ଆପଣ ନିଜ ନିବେଶଗୁଡ଼ିକୁ ଅନେକ ବର୍ଷରେ ଖେଳାଇପାରିବେ। ଏହାଦ୍ୱାରା, ଆପଣଙ୍କୁ ଆର୍ଥିକ ବୋଝ ମୁଣ୍ଡେଇଲା ପରି ଲାଗିବ ନାହିଁ।
- ସ୍ୱଳ୍ପମିଆଦୀ ଲାଭଗୁଡ଼ିକ ୧୫% ଟିକସ ଆକର୍ଷିତ କରିଥାଏ, କିନ୍ତୁ ଦୀର୍ଘମିଆଦୀ ଲାଭଗୁଡ଼ିକ ୧ ଲକ୍ଷ ପର୍ଯ୍ୟନ୍ତ ଟିକସରୁ ଛାଡ଼ ପାଇଥାଏ। ତାହାଠାରୁ ଅଧିକ ଲାଭ ୧୦% ପୁଞ୍ଜି ଲାଭ ଟିକସ ଆକର୍ଷିତ କରିଥାଏ।
- ଆପଣ ମୁଦ୍ରାସ୍ଫୀତିକୁ ପରାଜିତ କରିବା ପାଇଁ ରିଟର୍ନ ଲାଭ କରିପାରିବେ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ସ୍ୱତନ୍ତ୍ର କୁମାର ବୁଝାନ୍ତି:

## କୋଟିପତି ହେବାକୁ ଚାହୁଁଛନ୍ତି? ତେବେ କୋଟିପତିଙ୍କ ଭଳି ଭାବିବା ଆରମ୍ଭ କରନ୍ତୁ!

କୁହାଯାଏ ଯେ କୋଟିପତିଙ୍କ ଭଳି ଚିନ୍ତା କର କିନ୍ତୁ କାରବାର ଦେବାଳିଆଙ୍କ ଭଳି କର। ଯିଏ ବି ଏକଥା କହିଛନ୍ତି ଧନୀ ହେବାର ରହସ୍ୟ ସେ ନିଶ୍ଚୟ ଜାଣିଥିଲେ!

### 'ଧନୀ' କହିଲେ କ'ଣ ବୁଝାଏ

- ଅଭିଧାନରେ ଧନୀର ପରିଭାଷା ହେଉଛି 'ପ୍ରଚୁର ଧନ ସମ୍ପତ୍ତି ଓ ବିଶେଷକରି ବସ୍ତୁଗତ ଧନର ଅଧିକାରୀ'। ସରଳ ଭାଷାରେ କହିଲେ, ଧନୀ ହେବାର ଅର୍ଥ ନିଜର ସମସ୍ତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପାଖରେ ପର୍ଯ୍ୟାପ୍ତ ଟଙ୍କା ରହିବା। କିନ୍ତୁ ଲୋକମାନେ ଭୁଲ୍‌ରେ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ଧନୀ ହେବା ବୋଲି ବିବେଚନା କରିନିଅନ୍ତି।



- ଉଚ୍ଚ ଦରମାର ଚାକିରି, ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବା, ଫ୍ୟାନ୍ସି ଫୋନ୍, ବଡ଼ ବଡ଼ ହୋଟେଲରେ ଖାଇବା, ବିମାନ ଯାତ୍ରା ଇତ୍ୟାଦିର ଅର୍ଥ ଜରୁରୀ ନୁହେଁ କି ଆପଣ ଧନୀ ଅଟନ୍ତି। ହାରାହାରି ଦରମା, ଶାଳୀନ ଜୀବନଶୈଳୀ ଥିଲେ ବି ଯଦି ଆପଣଙ୍କ ନିକଟରେ ପର୍ଯ୍ୟାପ୍ତ ଧନସମ୍ପତ୍ତି ଅଛି ତେବେ ଆପଣଙ୍କୁ ଧନୀ କୁହାଯାଇପାରିବ।



### ଧନୀ କେମିତି ହେବେ

- କୋଟିପତିଙ୍କ ଭଳି ଆଚରଣ କରିବା ବନ୍ଦ କରନ୍ତୁ ଏବଂ କୋଟିପତି ହେବା ବିଷୟରେ ଚିନ୍ତା କରିବା ଆରମ୍ଭ କରନ୍ତୁ
- ଆପଣ ଯାହାସବୁ ଚାହୁଁଛନ୍ତି ଓ ଆପଣଙ୍କ ଲକ୍ଷ୍ୟଗୁଡ଼ିକର ତାଲିକା କରନ୍ତୁ
- ନିଜର ଲକ୍ଷ୍ୟ ତଥା ଜରୁରିକାଳୀନ ପରିସ୍ଥିତିଗୁଡ଼ିକ ପାଇଁ ସଞ୍ଚୟ କରିବା ଆରମ୍ଭ କରନ୍ତୁ
- ଏକ ବିବିଧକୃତ ନିବେଶ ପୋର୍ଟଫୋଲିଓ ରଖନ୍ତୁ
- ନିବେଶରେ ଯୋଗ କରିବା ଜାରି ରଖନ୍ତୁ
- ନିଜ ପୋର୍ଟଫୋଲିଓର ସମୀକ୍ଷା ନିୟମିତ ଭାବେ କରନ୍ତୁ।

ଏହି ସରଳ ପଦକ୍ଷେପଗୁଡ଼ିକ ସହିତ, କୋଟିପତି ହେବାର ଆପଣଙ୍କ ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇପାରିବ।



ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି। ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ପରବର୍ତ୍ତୀ ସଂସ୍କରଣରେ:** ଲକ୍ଷ୍ୟ ଧାର୍ଯ୍ୟ କରିବା ଧନସମ୍ପତ୍ତି ସୃଜନ ପ୍ରକ୍ରିୟାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଥାଏ। ଆସନ୍ତା ସଂସ୍କରଣରେ, ଆପଣ ନିଜର ନୂଆବର୍ଷର ଲକ୍ଷ୍ୟଗୁଡ଼ିକୁ କିପରି ଧାର୍ଯ୍ୟ କରିବେ, କିପରି ବର୍ଗୀକୃତ କରିବେ ଓ କିପରି ହାସଲ କରିବେ ତାହା ଉପରେ ଆମେ ନଜର ପକାଇବା।

f LIVE — ଧନୀ ହେବା ପାଇଁ ବଜେଟ ପ୍ରସ୍ତୁତ କରିବା ଓ ନିଜ ଟଙ୍କା ଉପରେ ନିୟନ୍ତ୍ରଣ ରଖିବା ଗୁରୁତ୍ୱପୂର୍ଣ୍ଣ। ମୂଲ୍ୟବାନ୍ ଟିପ୍‌ସ ଚାହୁଁଛନ୍ତି? ୧୯ ଡିସେମ୍ବର ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ '୨୦୨୦: ଟେକ୍ ଚାର୍ଜ ଅଫ୍ ୟୋର୍ ଲାଇଫ୍' ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ।

**ଦାବିତ୍ୟାଗ:** କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟରେ "ମଧ୍ୟସ୍ଥି/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନରେ ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗକୁ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ।

MUTUALFUNDS Sahi Hai

uti UTI Mutual Fund
Haq, ek behtar zindagi ka.



ଚାନ୍ଦିର ଚାମଚ ନେଇ ଜନ୍ମ ହେବାର ଆବଶ୍ୟକତା ନାହିଁ।



ନା ଅଛି ବାପାଙ୍କ ବ୍ୟବସାୟକୁ ସମ୍ଭାଳିବାର ଆବଶ୍ୟକତା



ବା ଦୁନିଆ ସାରା ଅଫିସ୍ ଖୋଲିବାର ଆବଶ୍ୟକତା ବି ନାହିଁ।

ଆପଣଙ୍କୁ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରିବା ପାଇଁ

ଆବଶ୍ୟକ ଅଛି କେବଳ ଏକ ଏସ୍‌ଆଇପି ଆରମ୍ଭ କରିବାର।




0516

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ।

ଏସ୍‌ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବାର ଯୋଜନା ବନାଇ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରନ୍ତୁ। ଏହା ଆପଣଙ୍କୁ ଏକ ସୁବିଧାଜନକ ରାଶି ନିୟମିତ ରୂପେ ନିବେଶ କରିବାରେ ସକ୍ଷମ ବନାଏ, ଯାହା ଦ୍ୱାରା ଆପଣ ଆପଣଙ୍କ ବିତ୍ତୀୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଧନ ସୃଷ୍ଟି କରିପାରନ୍ତି। ଆପଣ ଯେତେ କମ୍ ବୟସରୁ ଆରମ୍ଭ କରନ୍ତି, ସେତେ ଶୀଘ୍ର ଆପଣ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରିଥାନ୍ତି!

SMS "UTISIP" to 5676756

To know more about SIPs, scan the QR code.

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
Visit us at www.utiswatantra.com
Follow us on

ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍‌ଆଇପି) ଏକ ନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ପୂର୍ବ ନିଶ୍ଚିତ ତାରିଖରେ ଏକ ନିଶ୍ଚିତ ରାଶିକୁ ଅନୁଶାସିତ ନିବେଶ କରିବାର ଏକ ପ୍ରକ୍ରିୟା ଅଟେ, ଯାହା ନିୟମିତ ରୂପେ ସମୟ ଅବଧି ଉପରେ ହୋଇଥାଏ।

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc। ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ଦେଖି ପାରିବେ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
- ଗୀତା



## ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ

# କାରିଗରି ଓ କାରିଗରଙ୍କ ବିକାଶ ଆମର ଲକ୍ଷ୍ୟ: ମନ୍ତ୍ରୀ



**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଓଡ଼ିଶାର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ତାର ସୁଦୀର୍ଘ ସମୃଦ୍ଧ ଏବଂ ଗୌରବମୟ ପରମ୍ପରାକୁ ଅକ୍ଷୁଣ୍ଣ ରଖିପାରିଛି। ଏହି ପରମ୍ପରାକୁ ଆଗକୁ ନେବାସହ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପର ବିକାଶ ଲାଗି ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାସହ ଜଡ଼ିତ ବୁଣାକାର ଏବଂ କାରିଗରମାନଙ୍କ ଜୀବନଜୀବିକାର ବିକାଶ ପାଇଁ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ '୫-ଟି'କୁ ଗୁରୁତ୍ୱ ଦେଉଥିବାବେଳେ ବିଭାଗର ସମସ୍ତ କାର୍ଯ୍ୟରେ ଏହାର ଉପଯୋଗ କରାଯାଉଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି।

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରବିବାର ଜନତା ମଇଦାନଠାରେ ଆରମ୍ଭ ହୋଇଯାଇଛି ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା। ଏହାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଦିଆନ ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। 'କଳିଙ୍ଗ ତନ୍ତକୃତି' ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଥିମ୍ ପାଭିଲିୟନ୍‌କୁ ମନ୍ତ୍ରୀ ଉଦ୍‌ଘାଟନ କରିବା ପରେ ମେଳାରେ ଥିବା ଷ୍ଟଲ୍‌ଗୁଡ଼ିକୁ ବୁଲି ଦେଖିବା ସହ କାରିଗର ଓ ଶିଳ୍ପୀମାନଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ୨୦୧୮ ମସିହା ପାଇଁ ପୁରୀ ଜିଲା ରଘୁରାଜପୁରର ବିଶିଷ୍ଟ ପଟ୍ଟଚିତ୍ର




- ବନମାଳୀ ମହାପାତ୍ରଙ୍କୁ 'ଜୀବନବ୍ୟାପୀ ହସ୍ତଶିଳ୍ପ କୃତୀ ପୁରସ୍କାର'
- ୩ ଜଣଙ୍କୁ 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର'

ଶିଳ୍ପୀ ବନମାଳୀ ମହାପାତ୍ରଙ୍କୁ 'ଜୀବନବ୍ୟାପୀ ହସ୍ତଶିଳ୍ପ କୃତୀ ପୁରସ୍କାର' ସହ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି ବ୍ରହ୍ମାନନ୍ଦ ମହାରଣା, ଦେବେନ୍ଦ୍ର ମହାରଣା ଏବଂ ସୁମନ ମେହେରଙ୍କୁ ୨୦୧୮ ମସିହା ଲାଗି 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ସହ ୫୦ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ତୋଷାଳି ମଞ୍ଚରେ ସ୍ୱତନ୍ତ୍ର ସ୍ୱୀକୃତି ପାଇଁ 'କଳାକୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ୨୦୧୮ ବର୍ଷ ଲାଗି ଏହି ପୁରସ୍କାର ପାଇଥିଲେ କୁନି ପାତ୍ର, ସନ୍ତୋଷ ସେନାପତି, ଉଦୟ ମହାନ୍ତି, ଚତୁର୍ଭୁଜ ପରିଡ଼ା, ଦୀପ୍ତିରାଣୀ ବେହେରା, କହ୍ନେଇ ଗନଡ଼ିଆ, ଅମୀୟ ପୋଦାର ଏବଂ ରାକେଶ ମହାରଣା। ଏହାବ୍ୟତୀତ ୨୦୧୭-୧୮ ଏବଂ ୨୦୧୮-୧୯ ମସିହା ପାଇଁ ବୟନ, ବାନ୍ଧକଳା ଏବଂ ଡିଜାଇନ୍ କ୍ଷେତ୍ରରେ କୃତୀ ହସ୍ତଶିଳ୍ପୀମାନଙ୍କୁ 'ରାଜ୍ୟ ହସ୍ତତନ୍ତ ପୁରସ୍କାର' ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତିନ୍ ଚନ୍ଦ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଦୃଷ୍ଟିବାଧିତମାନଙ୍କ ନିମନ୍ତେ ବ୍ରେଲି ଭାଷାରେ ଲିଖିତ ତୋଷାଳି ମେଳାର ଲିଫ୍‌ଲେଟ୍‌କୁ ମନ୍ତ୍ରୀ ଏବଂ ସଚିବ ଲୋକାର୍ପିତ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ଚିତାରିସ୍ତି ଏବଂ ସାଥୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡିସେମ୍ବର ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲାରହିବ। ଚର୍ଚ୍ଚିତ ବର୍ଷ ମେଳା ପରିସରରେ ମୋଟ ୩୮୦ ଷ୍ଟଲ୍ ଖୋଲିଥିବାବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ହସ୍ତଶିଳ୍ପ, ହସ୍ତତନ୍ତ ସହ ସ୍ୱତନ୍ତ୍ର ଫୁଡ୍‌ଷ୍ଟଲ୍ ରହିଛି।





## ସଂକ୍ଷେପରେ

### ମାଈ ଆନାକୋଣ୍ଡା ଅବସ୍ଥା ଗୁରୁତର

**ବାରଙ୍ଗ,୧୪।୧୨(ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ହଳଦିଆ ଆନାକୋଣ୍ଡା ରବିବାର ପୁଣି ଗୁରୁତର ହୋଇଛି। ପର୍ଯ୍ୟଟକମାନଙ୍କର ମୁଖ୍ୟ ଆକର୍ଷଣ ପାଲଟିଥିବା ଆନାକୋଣ୍ଡା ମଧ୍ୟରୁ ଗତମାସରେ ଦୁଇଟିର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ କର୍ତ୍ତୃପକ୍ଷ ଚିନ୍ତାପ୍ରକଟ କରିବା ସହ ଚେନ୍ନାଇର ଦୁଇଜଣିଆ ଟିମ୍ ଆସି ଚିକିତ୍ସା ପଦ୍ଧତି ଓ ଯତ୍ନକରିବା ଉପରେ ବୁଝାଇ ଯାଇଥିଲେ। ସେହିଦିନଠାରୁ ନନ୍ଦନକାନନର ଡାକ୍ତରମାନଙ୍କ ନଜରବନ୍ଦିରେ ଆନାକୋଣ୍ଡା ୬ଟିକୁ ସରୀସୃପ ଉଦ୍ୟାନର ଏକ ଏନ୍‌କ୍ଲୋଜରରେ ପେଟି ମଧ୍ୟରେ ରଖାଯାଇଥିଲା। ରବିବାର ସକାଳେ ସେଥିମଧ୍ୟରୁ ଗୋଟିଏ ମାଈ ଆନାକୋଣ୍ଡାର ରକ୍ତଝାଡା ଆରମ୍ଭ ହୋଇଥିବାର ଜଣାପଡିଛି। ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଛନ୍ତି। ଗତ ମାସ ୨୭ରେ ରକ୍ତଝାଡା ଆରମ୍ଭ ହୋଇ ୨୮ ଓ ୩୦ରେ ଦୁଇଟି ଆନାକୋଣ୍ଡା ମୃତ୍ୟୁ କରିଥିବାବେଳେ ୪ଟି ଆକ୍ରାନ୍ତ ହୋଇଥିଲେ। ସୂଚନାଯୋଗ୍ୟ, ୨୨ଅକ୍ଟୋବରରେ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟରୁ ଉପହାରରେ ୮ଟି ହଳଦିଆ ଆନାକୋଣ୍ଡା ନନ୍ଦନକାନନକୁ ଆସିଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ନିମାପଡ଼ା,୧୪।୧୨(ଡି.ଏନ.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତ ଅଧୀନସ୍ଥ ଜଅଁରା ଗ୍ରାମର ବିଶ୍ୱରଞ୍ଜନ ବଳବନ୍ତରାୟ(୨୦)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ନିମାପଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ନେଇ ମୃତ ଯୁବକଙ୍କ ଭାଇ ସଞ୍ଜୀବ କୁମାର ବଳବନ୍ତରାୟ ଅଭିଯୋଗ ପରେ ପୋଲିସ ନଂ. ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମ ନିକଟରେ ଥିବା ଏକ ପାଣିଖାଲରେ ମାଛ ଧରିବାକୁ ଗ୍ରାମର ୪/୫ଜଣ ଯୁବକ ବିଦ୍ୟୁତ୍ ମୋଟର ପକାଇ ପାଣି ଶୁଖାଉଥିଲେ। ଏହି ସମୟରେ ବିଶ୍ୱରଞ୍ଜନ ଆସି ଅସାବଧାନତାବଶତଃ ସେହି ମୋଟରକୁ ଧରି ଦେବାରୁ କରେଣ୍ଟ ମାରିଥିଲା। ପରିବାରଲୋକେ ଓ ଗ୍ରାମବାସୀ ଗୁରୁତର ଅବସ୍ଥାରେ ବିଶ୍ୱରଞ୍ଜନଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଆର୍‌ପିଏଫ୍‌ର ୪୭ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ସିଆର୍‌ପିଏଫ୍‌ର ୪୭ତମ ପ୍ରତିଷ୍ଠା ଦିବସ ରବିବାର ନୟାପଲ୍ଲୀସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପସରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ଓଡିଶା ସେକ୍ଟର ଆଇଜି ଏସ୍.କେ. ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରିକ୍ରେଶନ ରୁମ୍‌ରେ ଅନୁଷ୍ଠିତ ସୈନିକ ସମ୍ମିଳନୀରେ ମୁଖ୍ୟଅତିଥି ମହାନ୍ତି ସିଆର୍‌ପିଏଫ୍ ଅଧିକାରୀ ଓ ଯବାନଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ୟାମ୍ପସ ପରିସର ବି.ବି. ମିଶ୍ର ଷ୍ଟାଡିୟମରେ ଏକ ମେଳା ଉଦ୍‌ଘାଟିତ ହୋଇଥିଲା। ଆଇଜି ମହାନ୍ତିଙ୍କ ସ୍ତ୍ରୀ ଶର୍ମିଷ୍ଠା ମହାନ୍ତି ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିବାବେଳେ ବିଭିନ୍ନ ବର୍ଗର ଲୋକଙ୍କ ସମାଗମ ହୋଇଥିଲା। ସେହିପରି ଅନୁଷ୍ଠିତ ବଡାଖାନା ବରିଷ୍ଠ ଆଇପିଏସ ଅଧିକାରୀମାନେ ଯୋଗ ଦେଇଥିଲେ।

# ଶ୍ରୀକ୍ଷେତ୍ରର ବିକାଶ କାର୍ଯ୍ୟ ପ୍ରଶଂସନୀୟ: ଗଜପତି



ଅନୁଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା ଓ ମହାପୁରୁଷ ବିଦ୍ୟା ପୁସ୍ତକକୁ ଉନ୍ମୋଚନ କରାଯାଉଛି।

**ପୁରୀ ଅଫିସ, ୧୫।୧୨**

ମହାପ୍ରଭୁଙ୍କୁ ନେଇ ଉତ୍କଳର ସ୍ୱତନ୍ତ୍ର ପରିଚୟ। ତେଣୁ ସରକାରଙ୍କ ପ୍ରଥମ କାମ ହେଉଛି ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସେବା। ସରକାରଙ୍କ ଏଜେଣ୍ଡାରେ ମହାପ୍ରଭୁଙ୍କ ସେବାକୁ ପ୍ରାଥମିକତା ଦିଆଯିବା ଉଚିତ। ଉତ୍କଳ ପ୍ରଦେଶ ଗଠନ ପରଠାରୁ କୌଣସି ସରକାର ଶ୍ରୀମନ୍ଦିରର ବିକାଶ ଲାଗି ଏତେଟା ଗୁରୁତ୍ୱ ଦେଇ ନ ଥିଲେ। ଶ୍ରୀମନ୍ଦିରର ସୁରକ୍ଷା ଏବଂ ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ପ୍ରଂଶସନୀୟ। ସେ ଯେଉଁ ଭଳି ଶ୍ରୀକ୍ଷେତ୍ରର ବିକାଶ ଚିନ୍ତନ କରିଛନ୍ତି ପୂର୍ବରୁ କୌଣସି ସରକାର ଏଭଳି କରିନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ବିଦ୍ୱାନ ଥିଲେ। ମହାପ୍ରଭୁଙ୍କ ସମ୍ପର୍କରେ ତାଙ୍କର ଗଭୀର ଜ୍ଞାନ ରହିଛି। ଅଥଚ ଜାନକୀ ବାବୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିକାଶ ଦିଗରେ ଗୁରୁତ୍ୱ ଦେଇ ନ ଥିଲେ ବୋଲି ରବିବାର ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦଶମ ବାର୍ଷିକୋତ୍ସବ ଓ ଜାତୀୟ ସମ୍ବର୍ଦ୍ଧନା ସମାରୋହକୁ ଉଦ୍‌ଘାଟନ କରି ଗଜପତି ମହାରାଜା ଦିବ୍ୟସିଂହଦେବ ଏହା କହିଛନ୍ତି।

### ଆଧ୍ୟାତ୍ମିକ ଭାବ କମୁଛି

ବିଶ୍ୱରେ ଭୌତିକ ପ୍ରଗତିର ଅଗ୍ରଗତି ଘଟୁଥିବା ବେଳେ ଆଧ୍ୟାତ୍ମିକ ଭାବ, ଚେତନା କମିବାରେ ଲାଗିଛି। ପୁଣ୍ୟଭୂମି ଭାରତବର୍ଷ ପ୍ରାଚୀନ ବୈଦିକ ସଂସ୍କୃତିର ଭଣ୍ଡାର। ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ସରକାରଙ୍କ ଯୋଗଦାନ ରହୁନାହିଁ। ଆଧ୍ୟାତ୍ମିକ ଚେତନାର ଜାଗରଣ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ଗଜପତି ମହାରାଜା କହିଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ଶାନ୍ତି, ମୈତ୍ରୀ ଭାବ ଆଣିବ

କର୍ମମୟ ଜୀବନ ମଧ୍ୟରେ ସମସ୍ତେ ଏପରି ମଜ୍ଜି ଯାଇଛନ୍ତି ଯେ, ସମାଜର ଆଧ୍ୟାତ୍ମିକ ସେବା ଲାଗି ସମୟ ନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତି, ଆଧ୍ୟାତ୍ମିକ ଚେତନାର ବିକାଶ ଦ୍ୱାରା ସମାଜରେ ଶାନ୍ତି ମୈତ୍ରୀ, ସଦ୍‌ଭାବ ଜାଗ୍ରତ ହୋଇପାରିବ ତେଣୁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଗଜପତି କହିଥିଲେ।

ଏହି ଅବସରରେ ଗଜପତି ମହାରାଜା କହିଲେ ଯେ, ଦେଶ ସ୍ୱାଧୀନ ହେବା ପରେ ୧୯୬୦ରେ ରାଜ୍ୟ ସରକାର ଶ୍ରୀମନ୍ଦିରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଥିଲେ। ତେବେ ଶ୍ରୀମନ୍ଦିର ପରିଚାଳନାରେ ସେଭଳି କୌଣସି ପରିବର୍ତ୍ତନ ଆସିପାରି ନ ଥିଲା। ତେବେ ଡେରିରେ ହେଲେ ବି ବର୍ତ୍ତମାନର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି।

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ନାଲକୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ଆମେରିକା ଦାସ ଫାଉଣ୍ଡେଶନର ପ୍ରତିଷ୍ଠାତା ଶୀତିକଣ୍ଠ ଦାସ, ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମହନ୍ତ ସଚ୍ଚିଦାନନ୍ଦ ମହାରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାନର ପ୍ରାଦେଶିକ ସଭାପତି ପ୍ରାକ୍ତନ ଆଇଏଏସ୍ ଅଧିକାରୀ ସୁଦର୍ଶନ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା ଓ ମହାପୁରୁଷ ବିଦ୍ୟା ପୁସ୍ତକ ଉନ୍ମୋଚନ କରିବା ସହ ୫ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗବେଷକ ଡ.ନରେଶ ଦାଶ, ପ୍ରାଧ୍ୟାପକ ସୁନିଲ ରଥ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ପ୍ରଫେସର ସୌମେନ୍ଦ୍ର ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଆଜିଠୁ ପୁଣି ଉଚ୍ଛେଦ

**ଭୁବନେଶ୍ୱର,୧୫।୧୨ (ବ୍ୟୁରୋ)**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ଯେପର୍ଯ୍ୟନ୍ତ ସମସ୍ତ ଚିହ୍ନଟ ଜବରଦଖଲଗୁଡ଼ିକୁ ହଟା ନ ଯାଇଛି ସେପର୍ଯ୍ୟନ୍ତ ଉଚ୍ଛେଦ କରାଯିବ ବୋଲି ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ଜବରଦଖଲ ସ୍ଥାନ ଚିହ୍ନଟ ହୋଇଛି। ସେ ସମସ୍ତ ଜବରଦଖଲଗୁଡ଼ିକୁ ହଟାଯିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ସେଥିପାଇଁ ସୋମବାରଠାରୁ ପୁଣି ଉଚ୍ଛେଦ ଜାରି ରହିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମନ୍ଦିର ପାର୍ଶ୍ୱରୁ ଉଚ୍ଛେଦ ଆରମ୍ଭ ହେବା ଦିନଠାରୁ ବିରୋଧ ହୋଇଚାଲିଛି। ଦ୍ୱିତୀୟ ଦିନରେ ଧାରଣା କାରଣରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। କିନ୍ତୁ ବିଏମ୍‌ସି କମିଶନର ଚୌଧାରୀଙ୍କ ସହ ଆଲୋଚନା ପରେ ଉଚ୍ଛେଦ କାର୍ଯ୍ୟ ପୁଣିଥରେ ଜାରି ରହିଥିଲା। ଏଯାବତ୍ ମୋଟ ୪ଦିନ ଉଚ୍ଛେଦ ହୋଇଥିବାବେଳେ ଉଚ୍ଛେଦର ୪୦ ପ୍ରତିଶତ କାର୍ଯ୍ୟ ସରିଛି ଆଉ ୬୦ ପ୍ରତିଶତ କାର୍ଯ୍ୟ ବାକି ଅଛି। ମୁଖ୍ୟତଃ ବଡ଼ ବଡ଼ ଉଚ୍ଛେଦ ଏଯାବତ୍ ହୋଇ ନାହିଁ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି।

## ଅର୍ଥନୀତି ଅଧ୍ୟାପକଙ୍କ ଦିନିକିଆ କର୍ମଶାଳା

# 'ଭଲ ଗବେଷଣାତ୍ମକ ପ୍ରକଳ୍ପ ପ୍ରସ୍ତୁତିକୁ ଗୁରୁତ୍ୱ'



**ଭୁବନେଶ୍ୱର (ବ୍ୟୁରୋ) ୧୫।୧୨**

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅର୍ଥନୀତି ଅଧ୍ୟାପକଙ୍କ ଏକ ଦିନିକିଆ କର୍ମଶାଳା ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଏହାକୁ ଉଦ୍‌ଘାଟନ କରି ଭଲ ଗବେଷଣାତ୍ମକ ପ୍ରକଳ୍ପ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ, ଅଧ୍ୟାପକମାନେ ଯାହା ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ ସେହି ବିଷୟରେ ଅଧିକ ଦକ୍ଷତା ରହିବା ଦରକାର। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଗବେଷଣାତ୍ମକ ପ୍ରକଳ୍ପ କିପରି ଭଲ ହୋଇପାରିବ ତାହା ଉପରେ ଅଧ୍ୟାପକମାନେ ପ୍ରାଧାନ୍ୟ ଦିଅନ୍ତୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୫୫ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଉପସ୍ଥିତ ଥିଲେ। ଏହି ଅବସରରେ +୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ଗବେଷଣା ପ୍ରକଳ୍ପଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତବର୍ଷ 'ସ୍ୱାସ୍ଥ୍ୟ ଓ ସୁସ୍ଥ ଓଡ଼ିଶା' ଉପରେ ସମସ୍ତ ଛାତ୍ରୀଛାତ୍ର ଗବେଷଣା କରିବେ। ଅଧ୍ୟାପକମାନେ ସେମାନଙ୍କୁ ସାହାଯ୍ୟ କରିବେ। ଗବେଷଣାତ୍ମକ ଚୂଡ଼ାନ୍ତ ରିପୋର୍ଟ ଓଡ଼ିଶା ଅର୍ଥନୀତି ଆସାସିଏଶନ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା। ଓଡ଼ିଶା ଅର୍ଥନୀତି ଆସୋସିଏଶନ ସଭାପତି ପ୍ରଫେସର ସତ୍ୟକାମା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ବିଶ୍ଳେଷଣାତ୍ମକ ଅର୍ଥନୀତି ବିଭାଗ ମୁଖ୍ୟ ମିତାଲୀ ଚିନାରା ଓ ବହୁ ଅଧ୍ୟାପକ ଉପସ୍ଥିତ ଥିଲେ।

# ମୟୂର, ହରିଣ, ବାର୍‌ହା ପାଇଁ ଟ୍ରାଫିକ ଜାମ୍

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ମୟୂର ଓ ହରିଣ ପାଇଁ ରାଜଧାନୀରେ ସୃଷ୍ଟି ହେଉଛି ଟ୍ରାଫିକ ଜାମ୍। ଭରତପୁର-ଡମପଡ଼ା ଅଭୟାରଣ୍ୟକୁ ଲାଗି ରହିଥିବା ରେଣ୍ଟାଲ ଛକରୁ କଳିଙ୍ଗ ଷ୍ଟୁଡିଓ ଛକ ମଧ୍ୟରେ କିଛିଦିନ ହେବ ଦେଖିବାକୁ ମିଳୁଛି ଏହି ସ୍ଥିତି। ପ୍ରତିଦିନ ସକାଳ ଓ ଅପରାହ୍ନରେ ହରିଣ, ମୟୂର, ବାର୍‌ହା ଆଦି ବହୁ ବନ୍ୟପ୍ରାଣୀ ବିଚରଣ କରୁଥିବା ଦୃଶ୍ୟ ଦେଖିବାକୁ ଲୋକେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ରାସ୍ତା ଉପରେ ଗାଡ଼ି ରଖି ଏଭଳି ନିଆରା ଦୃଶ୍ୟ ଉପଭୋଗ କରୁଛନ୍ତି। ଫଳରେ ଏହି ସମୟରେ ସେଠାରେ ଟ୍ରାଫିକ ଜାମ୍ ହେଉଛି।

ବନ୍ୟପ୍ରାଣୀ ବାହାରକୁ ନ ଆସିବା ଲାଗି ଅଭୟାରଣ୍ୟ ଚତୁଃପାର୍ଶ୍ୱରେ ପାଚେରି ରହିଛି। ହେଲେ ଏହିସବୁ ସ୍ଥାନରେ ପାଚେରି କମ୍ ଉଚ୍ଚର ଥିବାରୁ ବନ୍ୟପ୍ରାଣୀମାନେ ପାଣି ପିଇବାକୁ ଆସିବା ବେଳେ ବାହାରକୁ ଦୃଶ୍ୟମାନ ହେଉଛି। ଲୋକେ ଦେଖୁଥିବାବେଳେ ଚିତ୍କାର କରି ଡାକୁଥିବାରୁ ସେହି ବନ୍ୟପ୍ରାଣୀମାନେ ପ୍ରଭାବିତ ହେଉଛନ୍ତି। ଏପରି କି କେହି କେହି ଟେକା ମାଡ଼ କରୁଥିବାରୁ ସେମାନଙ୍କ ପ୍ରତି ବିପଦ ରହିଛି। ଏ ପରିସ୍ଥିତିରେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଉକ୍ତ ସ୍ଥାନରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯିବା ଜରୁରୀ ହୋଇପଡ଼ିଛି।

## ଫଟୋରେ ଖବର



ରେଡ୍‌କ୍ରସ୍ ଭବନରେ ରବିବାର ଗୁରୁପୂଜନ ଓ ସୁବର୍ଣ୍ଣ ସମାଲୋଚନା ଗ୍ରନ୍ଥ ଉନ୍ମୋଚନ ଉତ୍ସବରେ ବାମରୁ ପ୍ରଫେସର ବିଜୟ ଶତପଥୀ, ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ପ୍ରଫେସର ଦାଶରଥି ଦାସ, ପ୍ରଫେସର ଆଦିକନ୍ଦ ସାହୁ, କବି ଫନୀ ମହାନ୍ତି, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରଫେସର ବାଉରୀବନ୍ଧୁ କର ମଞ୍ଚାସୀନ।




ଭୁବନେଶ୍ୱର କଳ୍ପନା ଛକଠାରେ କଳ୍ପନା ଛକ ଟୋକା ସଂଘ ପକ୍ଷରୁ ରବିବାର କ୍ୟାନ୍ସର ରୋଗୀଙ୍କୁ ଅର୍ଥରାଶି ପ୍ରଦାନ ଉତ୍ସବରେ 'ନଟିଆ' କମେଡିର ହାସ୍ୟ ଅଭିନେତା ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଅତିଥିମାନେ 'ସମାଜ ସ୍ୱାଧାରକ ସମ୍ମାନ' ମାନପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଓଏମ୍ଇସିଏଲ ପାଇପାରେ ୨ଟି ଖଣି

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ଆଗାମୀ ଦିନରେ ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଲିମିଟେଡ(ଓଏମ୍ଇସିଏଲ୍)କୁ ୨ଟି ଖଣି ଆବଣ୍ଟିତ କରାଯାଇପାରେ। ଏହି ଖଣି ୨ଟି ହେଉଛି-ସୁକିନ୍ଦା କ୍ରୋମାଇଟ୍ ଏବଂ ଗୁହାଳୀ ଲୁହାପଥର ଖଣି। ଓଡ଼ିଶା ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ସହ ଆଲୋଚନା କରୁଥିବା ଜଣାପଡିଛି। ଗତ ମାସରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ରାଜ୍ୟ ଗସ୍ତରେ ଆସିଥିଲେ। ଓଏମ୍ଇସିଏଲ୍କୁ ୨ ଖଣି ଦେବା ପାଇଁ ସେ ସମୟରେ ତାଙ୍କୁ ଅନୁରୋଧ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ରେ ଏହି ଦୁଇ ଖଣିର ପୂର୍ବ ଲିଜ୍ ଅବଧି ସମାପ୍ତ ହେଉଛି। ଚଳିତଥର ଖଣି ଖନନ ପରେ ସୃଷ୍ଟି ହେଉଥିବା ଗର୍ତ୍ତକୁ ପୋତିବା, ଆଖପାଖ ଅଞ୍ଚଳର ପରିବେଶ ସମ୍ପର୍କିତ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି।

### ଚାକିରି କରାଇ ଦେବା ନାଁରେ ୮ଲକ୍ଷ ଠକେଇ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ଆଇଓସିଏଲ୍ କମ୍ପାନୀରେ ଚାକିରି କରାଇ ଦେବାକୁ କହି ୮ଲକ୍ଷ ଟଙ୍କା ଠକେଇ ହୋଇଥିବା ଖଣ୍ଡଗିରି ଥାନାରେ ରବିବାର ରାତିରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଛନ୍ତି ଏହି ଥାନା ଅଧୀନ ଜଗମୋହନ ନଗରରେ ରହୁଥିବା ସାଗର ପାଢ଼ୀ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ନୟାଗଡର ଜଣେ ଦଲାଲ ରାଜଧାନୀରେ ରହୁଥିବାବେଳେ ସେ ବେକାର ଯୁବକ ଯୁବତୀଙ୍କୁ ଆଇଓସିଏଲରେ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଉଥିଲା। ଏପରିକି ଟଙ୍କା ନେବା ପରେ ଯୁବତୀ ଯୁବକଙ୍କୁ ଆଇଓସିଏଲର ଜାଲ୍ ଚିଠି ଦେଉଥିଲା। ଅଭିଯୋଗକାରୀ ସାଗର ନୟାଗଡ଼ରୁ ଆସି ଭୁବନେଶ୍ୱରରେ ରହି ଚାକିରି ଖୋଜୁଥିବାବେଳେ ଅଭିଯୁକ୍ତ ସହ ତାଙ୍କର ଭେଟ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ତାଙ୍କୁ ଆଇଓସିଏଲରେ ପିଅନ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏ ବାବଦରେ ୮ଲକ୍ଷ ଟଙ୍କା ମାଗିଥିଲା। ସାଗର ୨୦୧୮ ମସିହାରେ ୮ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ଅଭିଯୁକ୍ତ ଜଣଙ୍କ ଚାକିରିରେ ଯୋଗ ଦେବା ପାଇଁ ଏକ ସମୟ ଦେଇଥିଲା। ହେଲେ ଦିନ ପରେ ଦିନ ଗଡାଇ ଚାଲିବାରୁ ସାଗରଙ୍କ ସନ୍ଦେହ ହୋଇଥିଲା। ପରେ ଅଭିଯୁକ୍ତଙ୍କୁ ଟଙ୍କା ମାଗିବାରୁ ମଧ ସେ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ସାଗର ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଦଲାଲ ଜଣଙ୍କ କେବଳ ସାଗର ନୁହନ୍ତି ଅନୁଗୋଳ, ତାଳଚେର, ସୁନ୍ଦରଗଡ଼ ଆଦି ଅଞ୍ଚଳର ଏକାଧିକ ପିଲାଙ୍କ ଠାରୁ ଚାକିରି କରାଇ ଦେବାକୁ ଟଙ୍କା ନେଇଥିବା ଜଣାପଡିଛି।

### ଠିକାଦାରଙ୍କ ଘର ଉପରକୁ ଦୁର୍ବୃତ୍ତଙ୍କ ବୋମାମାଡ଼

**କଟକରୋଡ,୧୫।୧୨(ଡି.ଏନ.ଏ.):** ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ଜଣେ ଠିକାଦାରଙ୍କ ଘର ଉପରକୁ ରବିବାର ରାତିରେ କେହି ଦୁର୍ବୃତ୍ତ ବୋମାମଡ଼ କରିଛନ୍ତି। ଉକ୍ତ ଠିକାଦାର ହେଲେ ଏହି ଥାନା ଅଧୀନ ରତ୍ନାକର ବାଗରେ ରହୁଥିବା ସଚିଦାନନ୍ଦ ପାତ୍ର। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢ଼େ ୯ଟାରେ ଦୁଇ ଦୁର୍ବୃତ୍ତ ଏକ ବାଇକରେ ଆସି ସଚିଦାନନ୍ଦଙ୍କ ଘର ଉପରକୁ ବୋମାମାଡ଼ କରିଥିବା ନେଇ ପଡ଼ୋଶୀ ଲୋକ କହିଛନ୍ତି। ଖବରପାଇ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ବୋମାମାଡ଼ ହୋଇଥିବା ଘଟଣାର ତଦନ୍ତ କରିବାସହ କେତେକ ଟୁକୁଡ଼ା ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବ ଠିକାଦାର କାମକୁ ନେଇ ଏଭଳି ଘଟଣା ଉପୁଜିଥାଇପାରେ ବୋଲି ସଚିଦାନନ୍ଦଙ୍କ ପୁଅ ଚନ୍ଦନ କହିଛନ୍ତି। ପୋଲିସ ଘଟଣାସ୍ଥଳରୁ ଅନୁସନ୍ଧାନ ଜାରି ରଖିବା ସହ ଠିକାଦାରଙ୍କ ଘରେ ପୋଲିସ କର୍ମଚାରୀ ମୁତୟନ ରଖିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

■ ସିଏଏକୁ ବିରୋଧ ଜାରି, ଲଗାତର ୫ଦିନ ଟ୍ରେନ୍ ବାତିଲ୍

# ସ୍ଥିତି ସୁଧୁରିଲେ ଚାଲିବ ସ୍ପେଶାଲ ଟ୍ରେନ୍



■ ରବିବାର ୧୭ ଟ୍ରେନ୍ ଚଳାଚଳ ବନ୍ଦ

■ ସୋମବାର ୩ ଓ ମଙ୍ଗଳବାର ୧ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ପଶ୍ଚିମବଙ୍ଗ, ଆସାମ ସମେତ କେତେକ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଆନ୍ଦୋଳନ ଓ ହିଂସା ଯୋଗୁ ଟ୍ରେନ୍ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ସମଗ୍ର ଆସାମ, ପଶ୍ଚିମବଙ୍ଗର ହାଓଡ଼ା ଓ ଉଲୁବେରିଆ ଅଞ୍ଚଳରେ ଆନ୍ଦୋଳନକାରୀ ଟ୍ରେନ୍କୁ ଟାର୍ଗେଟ କରିଛନ୍ତି। ଗୁରୁବାରଠାରୁ ହାଓଡ଼ା-ଖଡ଼ଗପୁର ସେକ୍ସନ ମଧ୍ୟରେ ରେଲରୋକୋ ଜାରି ରହିଛି। ଆନ୍ଦୋଳନକାରୀମାନେ ପଥର ମାଡ଼ ସହ ଷ୍ଟେଶନ ଓ ଟ୍ରେନ୍ରେ ନିଆଁ ଲଗାଇ ଦେଇଛନ୍ତି। ଯାତ୍ରୀମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଫଳରେ ଶୁକ୍ରବାରଠାରୁ ହାଓଡ଼ାରୁ ଅଧିକାଂଶ ଟ୍ରେନ୍କୁ ବାତିଲ୍ କରାଯାଇଥିବାବେଳେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବିଶାଖାପାଟଣା, ହାଇଦ୍ରାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁକୁ ରେଳ ସେବା ବାଧାପ୍ରାପ୍ତ ହୋଇଛି। ରବିବାର ଓଡ଼ିଶା ଦେଇ ଚଳାଚଳ କରୁଥିବା ୧୭ ଟ୍ରେନ୍କୁ ସମ୍ପୂର୍ଣ୍ଣ ବାତିଲ୍ ଓ ଆଉକିଛି ଆଂଶିକ ବାତିଲ୍ ହୋଇଛି। ସୋମବାର ଓ ମଙ୍ଗଳବାର ପର୍ଯ୍ୟନ୍ତ ଆଉ କିଛି ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇଛି। ସୁରକ୍ଷା ସ୍ଥିତି ଓ ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କିଛି ସ୍ପେଶାଲ ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ହୋଇଛି। ସ୍ଥିତି ସୁଧୁରିବାମାତ୍ରେ ଆବଶ୍ୟକସ୍ଥଳେ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ ବୋଲି ରେଳପଥ କହିଛି।

ମିଳିଥିବା ସୂଚନାନୁସାରେ, ରବିବାର ପୁରୀ-ଚେନ୍ନାଇ ଏକ୍ସପ୍ରେସ, ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର, ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜର, ତିରୁପତି-ହାଓଡ଼ା, ଦୀଘା-ପୁରୀ ଏକ୍ସପ୍ରେସ, ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ, ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ, ଭାସ୍କୋଡ଼ାଗାମା-ହାଓଡ଼ା ଅମରାବତୀ ଏକ୍ସପ୍ରେସ, ସିକନ୍ଦରାବାଦ-ଗୁଆହାଟୀ ଏକ୍ସପ୍ରେସକୁ ବାତିଲ୍ କରାଯାଇଥିଲା। ତେବେ ଅପରାହ୍ନ ୫ଟା ୧୫ରେ ଦୀଘା-ପୁରୀ ସମୁଦ୍ରକନ୍ୟା ଏକ୍ସପ୍ରେସ୍ ଦୀଘାରୁ ବାହାରିଥିଲା। ସୋମବାର ପାଇଁ ସିଆଲ୍ଦା-ପୁରୀ ଏକ୍ସପ୍ରେସ, ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ, ଚେନ୍ନାଇ-ପୁରୀ ଏକ୍ସପ୍ରେସ ଓ ମଙ୍ଗଳବାର ପାଇଁ ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସକୁ ବାତିଲ୍ କରାଯାଇଛି।

---

ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ର ଦ୍ୱିତୀୟ ସନ୍ଧ୍ୟା

# ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**କୋଣାର୍କ, ୧୫।୧୨(ଡି.ଏନ୍.ଏ.)**

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣ୍ଡାଠାରେ ଆୟୋଜିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍ର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ଓ ପରେ ପରେ ଲକ୍ଷ୍ମୀ ନୃସିଂହ ଉପଖ୍ୟାନା ପରିବେଷଣ କରାଯାଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କ ମନକୁ ବେଶ ଆକର୍ଷିତ କରିଥିଲା। ପର୍ଯ୍ୟଟକମାନେ ବ୍ୟାଟେରୀ ଚାଳିତ ଅଟୋରେ ବସି କାର୍ଯ୍ୟକ୍ରମସ୍ଥଳ ବୁଲିବା ସହ ଏହାର ମଜା ଉଠାଇଥିଲେ। ପୂର୍ବରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କରୁ ଉତ୍ସବସ୍ଥଳ ଅଭିମୁଖେ ଯାଉଥିବା ଗାଡି ଗୁଡିକ ଚନ୍ଦ୍ରଭାଗାଠାରେ ଏବଂ ପୁରୀ ଆଡୁ ଉତ୍ସବସ୍ଥଳ ଅଭିମୁଖେ ଆସୁଥିବା ଗାଡି ଗୁଡିକ ରାମଚଣ୍ଡୀଠାରେ ପାର୍କିଂ କରାଯାଉଥିଲା। ସେଠାରୁ ପର୍ଯ୍ୟଟନ ବିଭାଗର ବସ୍ ଯୋଗେ ପର୍ଯ୍ୟଟକ ଉତ୍ସବସ୍ଥଳକୁ ଯିବାପାଇଁ ଯିବାପାଇଁ ୫ଟି ବସ୍ର ବ୍ୟବସ୍ଥା କରାଯାଇଥିଲା। ମାତ୍ର ରବିବାର ଏଥିରେ ବ୍ୟତିକ୍ରମ ହେବାରୁ ବେଳାମାର୍ଗ ରାସ୍ତାରେ ଯାନବାହନ ପାର୍କିଂ ହୋଇ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗର ସୁନିଲ କୁମାର ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ଶଶାଙ୍କ ଶେଖର ରଥ, ଦିଲୀପ ପ୍ରଧାନ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

---





ପୁସ୍ତକ ମହୋତ୍ସବ 'ଅକ୍ଷର'ର ଉଦ୍ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# 'ବିଶ୍ୱକୁ ଦିଗ୍ଦର୍ଶନ ଦେଇଛି ଭାରତୀୟ ପୁସ୍ତକ'

## ସରିଲା 'ଅକ୍ଷର'

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଭାରତ କେବଳ ଏକ ଭୌଗୋଳିକ ସୀମା ପରିବେଷ୍ଟିତ ଦେଶ ନୁହେଁ। ନିତ୍ୟନୂତନ ପ୍ରକାଶର ଅନ୍ୟ ନାମ ହେଉଛି ଭାରତ। ଭାରତ ଏକ ଜୀବନ୍ତ ଦେବୀ ଏବଂ ସେ ଯେକୌଣସି ରୂପ ନେଇପାରନ୍ତି। ଓଡ଼ିଶାରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୂପ ନେଇଛନ୍ତି। ଭାରତକୁ ବିଦେଶରୁ ଯେଉଁମାନେ ଆସିଛନ୍ତି, ସେମାନେ ଏହାକୁ ତୀର୍ଥ ମନେ କରିଛନ୍ତି ଏବଂ ଅଦ୍ଭୁତ ପୁଲକ, ଆନନ୍ଦ ଓ ଆଲୋକ ଅନୁଭବ କରିଛନ୍ତି। ସମଗ୍ର ବିଶ୍ୱ ଅଚେତନ ଥିବାବେଳେ ଭାରତୀୟ ପୁସ୍ତକ ଯୁଗେ ଯୁଗେ ବିଶ୍ୱକୁ ଦିଗ୍ଦର୍ଶନ ଦେଇଆସିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି।

ଦ୍ୱିତୀୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ, ବର୍ତ୍ତମାନ ଯେତେ ପୁସ୍ତକ ଲେଖାଯାଉଛି, ସେ ସବୁର ମୂଳକଥା ହେଉଛି ପ୍ରବନ୍ଧନ, ସମ୍ପର୍କ, ନେତୃତ୍ୱ ଓ ଆତ୍ମବିକାଶ। ମହୋତ୍ସବକୁ ଅଧିକ ବ୍ୟାପକ କରିବା ପାଇଁ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର, ଅଭିଭାବକ, ପାଠକ ଓ ଲେଖକମାନଙ୍କୁ ସାଦର ନିମନ୍ତ୍ରଣ କରିବାକୁ ରାଜ୍ୟପାଳ ଏହି ଅବସରରେ ବିଭାଗକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପୁସ୍ତକ ଆମ ଜୀବନ ପାଇଁ ଉପାଦେୟ ବୋଲି ଉଲ୍ଲେଖ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପୁସ୍ତକ ମହୋତ୍ସବକୁ ବ୍ୟାପକ ଓ ପ୍ରଭାବଶାଳୀ କରାଯିବ ବୋଲି ସୂଚନା ଦେଇଥିଲେ। ଚଳିତବର୍ଷ ପୁସ୍ତକ ମହୋତ୍ସବରେ ୫୨୦ ଷ୍ଟଲ୍ ଖୋଲାଯାଇଥିବାବେଳେ ୧୫ ରାଜ୍ୟର ଶତାଧିକ ପ୍ରକାଶକ ସାମିଲ ହୋଇଥିବା ମନ୍ତ୍ରୀ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ରାଜ୍ୟରେ ପୁସ୍ତକ ସଂସ୍କୃତିର ପୁନଃଜାଗରଣ ପାଇଁ ଆଗାମୀ ଦିନରେ ଏଭଳି ଅଧିକ କାର୍ଯ୍ୟକ୍ରମ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ସାହିତ୍ୟ ମଣିଷକୁ ଉପରକୁ ଉଠାଇପାରେ ଓ ଏହା ଦିନେ ସ୍ୱାଧୀନତା ସଂଗ୍ରାମକୁ ସଶକ୍ତ କରିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ସର୍ବୋଦୟ ନେତ୍ରୀ ବିରଜା ଦେବୀ ଆଜିର ସୋସିଆଲ୍ ମିଡିଆ ଓ 'ଗୁଗଲ୍' ପୁସ୍ତକ ଭଳି ମଣିଷର ହୃଦୟ ଛୁଇଁପାରିବ ନାହିଁ ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଉଦ୍ଯାପନୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ନିର୍ଦ୍ଦେଶକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

---

# ମୋ ବସରେ ଧୂଆଁ, ବର୍ତ୍ତିଲେ ୨୫ଯାତ୍ରୀ

**ନରାଜ,୧୫।୧୨(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଗୋଲେଇ ଛକ ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ୧୮ ନଂ ରୁଟ୍ର(ବରମୁଣ୍ଡାରୁ ଜଗତପୁର ଯାଉଥିବା) ଏକ ମୋ ବସରୁ ରବିବାର ସନ୍ଧ୍ୟାରେ ଅଚାନକ ଧୂଆଁ ବାହାରିଛି। ମାତ୍ର ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବସ୍ରେ ଥିବା ୨୫ ଜଣ ଯାତ୍ରୀ ଏକ ବଡ ଧରଣର ବିପଦରୁ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ସନ୍ଧ୍ୟାରେ ମୋ ବସ୍ (ଗାଡି ନଂ.ଓଡି୩୩ ଭି ୪୫୬୮)ଭୁବନେଶ୍ୱରରୁ କଟକ ଆଭିମୁଖେ ଆସୁଥିଲା। ତ୍ରିଶୂଳିଆ ଗୋଲେଇ ଛକ ନିକଟରେ ଗାଡ଼ିର ଗତି କମ ହେବା କ୍ଷଣି ଏଥିରୁ ହଠାତ୍ ପ୍ରଚୁର ଧୂଆଁ ବାହାରିଥିଲା। ବସ୍ ଚାଳକ ତୁରନ୍ତ ବସ୍ର ୨ଟି ଯାକ ଗେଟ ଖୋଲି ଦେଇଥିଲେ। ଫଳରେ ଗାଡି ଭିତରେ ଥିବା ସମସ୍ତ ଯାତ୍ରୀ ବାହାରକୁ ଚାଲିଯାଇ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ। କିଛି ସମୟ ପରେ ଗାଡିରୁ ଧୂଆଁ କମିଯାଇଥିଲା। ଅପରପକ୍ଷେ ଗାଡ଼ିରୁ ବହୁ ଜୋରରେ ଧୂଆଁ ବାହାରିବା ସତ୍ତ୍ୱେ ଅଗ୍ନିଶମ ସେବା ସଂସ୍ଥା କେନ୍ଦ୍ର ଅବା ପୋଲିସରେ ସୂଚନା ଦିଆଯାଇ ନଥିଲା। ଏସମ୍ପର୍କରେ ବସ୍ କଣ୍ଡକ୍ଟର ନିଜ ନାମକୁ ଗୋପନ ରଖି କହିଛନ୍ତି, ଗାଡିରୁ ଧୂଆଁ ବାହାରିବା ନେଇ ଅଫିସରେ ଖବର ଦିଆଯାଇଛି। ସେମାନେ ଆସିବା ପରେ ଏନେଇ ଆଗାମୀ ପଦକ୍ଷେପ ନିଆଯିବ।

---

ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

# ୩୫ବର୍ଷ ତଳର ସ୍ମୃତିକୁ ମନେ ପକାଇଲେ





ବନ୍ଧୁ ମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୧୯୮୩-୮୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ଜୟଦେବ ବାଟିକାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଡ. ଶାନ୍ତନୁ ଦାସ ଅଧକ୍ଷତା କରି ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ୩୫ବର୍ଷ ପରେ ପ୍ରଥମଥର ପାଇଁ ଏକାଠି ହୋଇଥିବାରୁ ଛାତ୍ରୀଛାତ୍ରମାନେ ପରସ୍ପର ସହ ଭାବବିନିମୟ ହେବା ସହ ପୁରୁଣା ଅନୁଭୂତି ବାଣ୍ଟିଥିଲେ। ଏବେ ବହୁ ଉଚ୍ଚ ପଦପଦବୀରେ ରହି ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସେତେବେଳ ଓ ବର୍ତ୍ତମାନର ଅନୁଭବକୁ ସାଉଣ୍ଟିଥିଲେ। ଏଥିରେ ସୁଧାଂଶୁବାଳା ମିଶ୍ର, ପ୍ରମୋଦ ମଲ୍ଲିକ, ସୁଧିର କର, ପ୍ରଭଞ୍ଜନ ପତି, ସୁରେଶ କର, ପର୍ଶୁରାମ ରାଉତରାୟ, କୁନ୍ତଳା ମଲ୍ଲିକ, ଶର୍ମିଷ୍ଠା ଶତପଥୀ, ଶିଶିର ଜେନା, ରବି ନାରାୟଣ ସାହୁ, ରଙ୍କନିଧି ବିଳୟାରସିଂ, ସୂର୍ଯ୍ୟ ବେହେରା, ସୁରେଶ ଜେନା, ଲକ୍ଷ୍ମୀଧର ତ୍ରିପାଠୀ, ସୁଶ୍ରୀ ମହାନ୍ତି, କବିତା ପଣ୍ଡା, ଧୀରା ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରି ଏକାଠି ହେବାକୁ ନିଷ୍ପତ୍ତି ନେଇଥିଲେ।

---

# ଟ୍ରକ ଧକ୍କାରେ ୨ ମହିଳା ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ବଡ଼ମ୍ବା,୧୫।୧୨(ଡ଼ି.ଏନ୍.ଏ)**

ବଡ଼ମ୍ବା ଥାନା ଅନ୍ତର୍ଗତ ରତାପାଟ ଗ୍ରାମରେ ରବିବାର ଭୋର ସମୟରେ ଏକ ମାଲ ବୋଝେଇ ଟ୍ରକ ଧକ୍କାରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ରତାପାଟ ନୂଆ ଗାଁର ତାରା ନାୟକ (୪୪) ଓ ରଙ୍ଗବତୀ ସାହୁ (୪୬)। ଏନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, ତାରା ଓ ରଙ୍ଗବତୀ ଗ୍ରାମ ନିକଟ ହାଡୁଆ ନାଳରେ ଗାଧୋଇ ସାରି ଘରକୁ ଫେରୁଥିଲେ। ଏହି ସମୟରେ ନରସିଂହପୁର ପାର୍ଶ୍ୱରୁ ବଡ଼ମ୍ବା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ଉଭୟଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ରତାପାଟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରଖି କଟକ -ନରସିଂହପୁର ମୁଖ୍ୟ ରାସ୍ତାରୋକୋ କରିଥିଲେ। ବଡ଼ମ୍ବା ଥାନା ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଗ୍ରାମର ରଜନୀକାନ୍ତ ବଳବନ୍ତରାୟ, ଗଗନବିହାରୀ ଗଜେନ୍ଦ୍ର ସିଂହ, ବିଜୟ କୁମାର ଦଳବେହେରା, ହରିହର ବଳବନ୍ତରାୟ, ପ୍ରଫୁଲ୍ଲ କୁମାର ବରାଳ ଓ ଜୟକୃଷ୍ଣ ଲେଙ୍କା ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଉଭୟ ମୃତଦେହ ଜବତ କରି ବଡ଼ମ୍ବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ମାମଲା (ନଂ ୨୭୩/୧୯)ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଖବର ଲେଖା ହେବାବେଳକୁ ଟ୍ରକ କିମ୍ବା ଚାଳକଙ୍କ କୌଣସି ପତ୍ତା ମିଳି ପାରି ନଥିଲା। ଉଭୟ ମହିଳାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

---

# ଖଟିରେ ପରୀକ୍ଷା ଚିନ୍ତା

## କ୍ୟାମ୍ପସ ହାଲ୍ଚାଲ୍

**କଟକ ଅଫିସ, ୧୫।୧୨**

ସୋସିଆଲ ମିଡ଼ିଆ ସହ ଅଧିକ ମାତ୍ରାରେ ଜଡ଼ିତ ଆଜିକାଲିର ଯୁବପୀଢି। ଏହି ଜରିଆରେ ସେମାନଙ୍କ ପାଖରେ ଦେଶ ବିଦେଶର ଖବର ସବୁବେଳେ ମହଜୁଦ। ଘଟଣା ହେଉ କି ଦୁର୍ଘଟଣା, ଦେଶର ରାଜନୀତି ହେଉ କି ଅର୍ଥନୀତି, ସବୁ ପ୍ରସଙ୍ଗରେ ଯୁବପୀଢି ଅଳ୍ପବହୁତେ ଜାଣନ୍ତି। ଏଭଳି ଯୁବପୀଢିଙ୍କ ସହ ଆଲୋଚନା କରିବାକୁ ଆମେ ପହଞ୍ଚିଥିଲୁ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ କ୍ୟାମ୍ପସରେ। ମହାବିଦ୍ୟାଳୟର ସ୍ନାତକ ଛାତ୍ରମାନେ କ୍ଲାସ ଶେଷ କରି ପାର୍କିଂ ଅଞ୍ଚଳ ନିକଟରେ ଖଟି ଜମାଇଥିଲେ।

ସବୁଦିନ କ୍ଲାସ ସାରି ଟିକେ ଖଟିରେ ନ ବସିଲେ ଭଲ ଲଗେନି। କ୍ଲାସ ସରିବା ମାତ୍ରେ ସବୁ ସାଙ୍ଗ ଖଟିକୁ ଚାଲିଆସନ୍ତି। କଟକର ହେଉ ଅବା ଅନ୍ୟ କେଉଁଠିର ଖବର, ସବୁ କଥା ଖଟିରେ ଆଲୋଚନା ହୋଇଥାଏ ବୋଲି ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ର ଦିବ୍ୟଜ୍ୟୋତି ଜେନା କହିଥିଲେ। ଖଟିରେ କ'ଣ ଚର୍ଚ୍ଚା ଚାଲୁଛି ବୋଲି ଛାତ୍ର ଲକ୍ଷ୍ମୀସାଗର ଦଳାଇଙ୍କୁ ପଚାରିବାରୁ ସେ କହିଥିଲେ, ଦୁର୍ଗାପୂଜା ସାଙ୍ଗକୁ ବାଲିଯାତ୍ରା ବୁଲାବୁଲି କରିବାରେ ସମୟ ଚାଲିଗଲା। ଏବେ ପରୀକ୍ଷା ଚିନ୍ତା। ତେଣୁ ଏବେ ସହପାଠୀଙ୍କ ଠାରୁ ନୋଟ ଆଣି ପଢିବାକୁ ପଡିବ। ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ପରେ ପୋଡି ମାରି ଦିଆଯାଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍କାଉଣ୍ଟର କରିବା ଘଟଣା ଏବେ ପୁରା କ୍ୟାମ୍ପସରେ ଆଲୋଚନାର ବିଷୟବସ୍ତୁ ପାଲିଟିଛି। ଏହାକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିବା ରବୀନ୍ଦ୍ର ରାଉଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ଅଜୟ ଜ୍ୟୋତି ମହାରଣା, ବିଶ୍ୱଜିତ ମହାନ୍ତି, ଅଭିଶେକ ମିଶ୍ର ଓ ସତ୍ୟଜିତ୍ ମାହାଳି ଉପସ୍ଥିତ ଥିଲେ।



### ସଂକ୍ଷେପରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ

ମିଶନରୋଡଠାରେ ଥିବା ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ୧୯୪୪ରେ ପ୍ରତିଷ୍ଠା ହୋଇଥିଲା। ୩.୫ ଏକର ବିସ୍ତୃତ ପରିସୀମା ମଧ୍ୟରେ ଏହାର ଅବସ୍ଥିତ। ଏଠାରେ ଯୁକ୍ତଦୁଇ ଓ ଯୁକ୍ତତିନି ବିଜ୍ଞାନ ପାଠ୍ୟକ୍ରମ ରହିଛି। ଚିକିତ୍ସା ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଇଂରାଜୀ, ହିନ୍ଦୀ, ଓଡ଼ିଆ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗ ସହ ଲାଇବ୍ରେରୀ ଓ ଅତ୍ୟାଧୁନିକ ଲାବ୍ରୋଟୋରୀ ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ ଏନ୍ସିସି, ଏନ୍ଏସ୍ଏସ୍ ଓ ରେଡ୍କ୍ରସ ରହିଛି। ସେହିପରି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ କ୍ଲାସ୍ରୁମଗୁଡ଼ିକୁ ଗ୍ରାଉଣ୍ଡ ଫ୍ଲୋରରେ କରାଯାଇଛି। ପରୀକ୍ଷା ସମୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏଥିସହ ସେମାନଙ୍କ ଲାଗି ହ୍ୱିଲ ଚେୟାର ଓ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ପ୍ରତିବର୍ଷ ମହାବିଦ୍ୟାଳୟ ପକ୍ଷରୁ ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡା ପ୍ରତିଯୋଗିତା, ବିଭିନ୍ନ ଆନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

### ଏଠାକାର ସମସ୍ୟା

ମହାବିଦ୍ୟଳୟର ଛାତ୍ରୀଛାତ୍ରଙ୍କ ମୁଖ୍ୟ ସମସ୍ୟା ହେଲା ଶ୍ରେଣୀଗୃହ। ଛାତ୍ରୀଛାତ୍ରଙ୍କ ତୁଳନାରେ ଶ୍ରେଣୀଗୃହର ଆକାର ଛୋଟ। ସେହିପରି ଏଠାରେ କ୍ୟାଣ୍ଟିନର ସୁବିଧା ନାହିଁ। କର୍ତ୍ତୃପକ୍ଷଙ୍କୁ ଏନେଇ ବାରମ୍ବାର ଜଣାଇବା ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା

## କୃତୀଙ୍କୁ ରାଜ୍ୟପାଳ କରିବେ ପୁରସ୍କୃତ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ): ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ ରାଜ୍ୟସ୍ତରୀୟ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରି କହିଥିଲେ, ଶିଳ୍ପାୟନ ଓ ଖଣିଜ ସମ୍ପଦର ବିନିଯୋଗ କରି ରାଷ୍ଟ୍ରର ଉନ୍ନତି କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ପରିବେଶ ସୁରକ୍ଷା ଓ ସନ୍ତୁଳନକୁ ମଧ୍ୟ ସମ ପରିମାଣରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଧୀରେନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦର୍ଶନ ଦାସ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରଫେସର ପ୍ରେମାନନ୍ଦ ପଣ୍ଡା, ଡ. ଭାଗୀରଥି ବେହେରା, ଡ. ବି.ବି. ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦ ରୁ ୨୨ ତାରିଖ ତିନିଦିନ ଧରି ଓଡ଼ିଶା ପରିବେଶ କଂଗ୍ରେସର ଦଶମ ସଂସ୍କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ବର୍ଷ 'ପରିବେଶ ଓ ଖଣି' ବିଷୟବସ୍ତୁକୁ ନେଇ ରାଜ୍ୟସ୍ତରରେ ସ୍କୁଲ୍ କଲେଜଗୁଡ଼ିକରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୨ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପୁରସ୍କୃତ କରିବେ। ନିରଦ ବରଣ ଖୁଣ୍ଟିଆ, ବିଜୟ ପ୍ରଧାନ, ରାଜଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ମିରର୍‌ର ସାହିତ୍ୟ ଉତ୍ସବ

ଭୁବନେଶ୍ୱର (ବ୍ୟୁରୋ) ୧୫।୧୨: ସାପ୍ତାହିକ ଖବରକାଗଜ ଓଡ଼ିଶା ମିରର ସାହିତ୍ୟ ଉତ୍ସବ ଶହୀଦନଗରସ୍ଥିତ ଓଡ଼ିଶା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଲୀପ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଉଚ୍ଚଶିକ୍ଷା ବିଭାଗର ଅନୁସଚିବ ମିତାରାଣୀ ବିଶ୍ୱାଳ, ଗୀତିକାର ବସନ୍ତରାଜ ସାମଲ, ଗାଳ୍ପିକ ତଥା ନାଟ୍ୟକାର ରାଜେନ୍ଦ୍ର ରାଉଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଓଡ଼ିଆ ସାହିତ୍ୟର ଯୁବଲେଖକ ଓ ପାଠକ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସୌମ୍ୟା ମହାପାତ୍ର, ଆହୁତି ମହାନ୍ତି, କୃପାସିନ୍ଧୁ ପ୍ରଧାନ, ସୁନିତା ବାରିକ, ସୁଶ୍ରୀ ଶର୍ମିତା, ପବିତ୍ର ବ୍ରହ୍ମପୁତ୍ର ନାୟକ, ସଙ୍ଗୀତା ଦାସ, ମାନସ ଦାସ, ପାର୍ଥସାରଥି ରାଉତ, ମମତା ପ୍ରିୟଦର୍ଶିନୀ ସାହୁ, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ, ପ୍ରତ୍ୟାଶା ଧଳ, ରଶ୍ମିରଞ୍ଜନ ରାଉତଙ୍କୁ 'ଓଡ଼ିଶା ମିରର ଯୁବ ପୁରସ୍କାର ୨୦୧୯' ପ୍ରଦାନ କରାଯାଇଥିଲା। ଓଡ଼ିଶା ମିରରର ପରିଚାଳନା ସମ୍ପାଦକ ଅଭୟ କୁମାର ଜେନା ଓ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ବାର୍ତ୍ତା ସମ୍ପାଦକ ସୁଧାଂଶୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ବ୍ୟକ୍ତିଗତ ଜମି ଉପରେ ପ୍ରଭାବଶାଳୀଙ୍କ ଆଖି

# ନ୍ୟାୟ ନ ପାଇ ନିରୀହ ଛଟପଟ

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

**କୋର୍ଟ ନିର୍ଦ୍ଦେଶ ପରେ ବି ସୁରକ୍ଷା ଦେଇପାରୁନି ପୋଲିସ**

**ରାଜଧାନୀରେ ପ୍ରଭାବଶାଳୀଙ୍କ ଚାପରେ ସରକାରୀ ଓ ବେସରକାରୀ ବ୍ୟକ୍ତିଗତ ଜମି ଜବରଦଖଲ କ୍ୟାନ୍‌ସର ପରି ବ୍ୟାପି ଚାଲିଛି। ଏହାର ବଳିଷ୍ଠ ପ୍ରମାଣ ହେଉଛି, ଚଳିତବର୍ଷ ଭୁବନେଶ୍ୱର ସିନିୟର ସିଭିଲ କୋର୍ଟରେ ୨୧ଶହ ମାମଲା, ଜୁନିୟର ସିଭିଲ କୋର୍ଟରେ ୧୬୦୦ ମାମଲା ଓ ଆଡିଶନାଲ ସିଭିଲ କୋର୍ଟରେ ୧୫୦୦ ମାମଲା ଜାଗାବାଡ଼ିକୁ ନେଇ ରୁଜୁ କରାଯାଇଛି। ହାତଗଣତି ଲୋକ ନ୍ୟାୟ ପାଉଥିବା ବେଳେ ଅନେକ ଲୋକ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାରେ ପେଷି ହୋଇଯାଉଛନ୍ତି। ସେହିପରି ଅନେକ ଘଟଣାରେ ଥାନା ସ୍ତରରେ କାର୍ଯ୍ୟରତ କେତେଜଣ ଅଧିକାରୀଙ୍କ ଅବହେଳା ଓ ପାତରଅନ୍ତର ନୀତି ଯୋଗୁ କୋର୍ଟ ନିର୍ଦ୍ଦେଶ ପରେ ମଧ୍ୟ ଅଭିଯୋଗକାରୀଙ୍କୁ ନିରାଶ ହେବାକୁ ପଡୁଛି। ଏଭଳି ନ୍ୟାୟ ପାଇବା ଆଶାରେ ଛଟପଟ ହେଉଥିବା କେତେଜଣ ଲୋକଙ୍କ ସମସ୍ୟାକୁ ନେଇ ଏହି ଉପସ୍ଥାପନା।**

### ଜୋର ଯା'ର ମୁଲକ ତା'ର



ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଅଞ୍ଚଳରେ ରହୁଥିବା ଶିବ ପ୍ରସାଦଙ୍କ ଜମିକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରିବାକୁ ଚାହୁଁଛନ୍ତି। ଶିବ ରାଜି ନ ଥିବାରୁ ତାଙ୍କୁ କିଛି ଦିନ ତଳେ କେତେଜଣ ଅସାମାଜିକ ଯୁବକ କଥାବାର୍ତ୍ତା ଆଳରେ ଡକାଇଥିଲେ। ସେ ପହଞ୍ଚିବା ପରେ ତାଙ୍କୁ ବନ୍ଧୁକ ଦେଖାଇ ମାଡ ମାରିବା ସହ ତାଙ୍କ ନିକଟରୁ ସାଦା କୋର୍ଟ ପେପରରେ ଜବରଦସ୍ତ ଦସ୍ତଖତ କରି ନେଇଥିଲେ। ଏନେଇ ଅଭିଯୋଗ କରିବା ପରେ ପୋଲିସ କେବଳ ମାମଲା ରୁଜୁ କରିଛି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଇତିମଧ୍ୟରେ ୨ ମାସ ବିତିଯାଇଥିବାବେଳେ ହାଇକୋର୍ଟରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଜାମିନ ମଧ୍ୟ ମିଳିସାରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ଶିବଙ୍କ ଜମି ଓ ଜୀବନ ପ୍ରତି ବିପଦ ରହିଛି। ତେଣୁ ରାଜଧାନୀରେ ଜୋର ଯା'ର ମୁଲକ ତା'ର ନୀତି ଚାଲିଛି ବୋଲି ସେ କ୍ଷୋଭର ସହ ଗଣମାଧ୍ୟମକୁ କହିଛନ୍ତି।

### ଆମକୁ ନ୍ୟାୟ ମିଳିବନି



ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ହାଡିବନ୍ଧୁ ଓଝା ନାମକ ଜଣେ ବ୍ୟକ୍ତି ବଢେଇ କାମ କରି ପରିବାର ପୋଷଣ କରନ୍ତି। ତାଙ୍କ ପୈତୃକ ସମ୍ପତ୍ତିକୁ ଜବରଦଖଲ କରାଯାଇ ନିର୍ମାଣ କାମ କରାଯାଇଛି। ଏ ନେଇ ସେ ଥାନାରେ ଗତ ନଭେମ୍ବର ୧୪ରେ ଅଭିଯୋଗ କରିବା ପରେ ପୋଲିସ କୋର୍ଟ ନୋଟିସ ନ ହେଲେ କାମ ବନ୍ଦ କରି ହେବ ନାହିଁ କହି ବିଦା କରିଦେଲା। ବହୁ ପରିଶ୍ରମ କରି କୋର୍ଟରୁ କାମ ବନ୍ଦ କରିବା ନେଇ ଅର୍ଡର ଆଣିବା ପରେ ପୋଲିସ ଦିନ ଗଡ଼ାଇ ଚାଲିଲା। ୩ ଥର ଅଭିଯୋଗ କରିବା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ଫଳରେ ଜବରଦଖଲକାରୀ ଏହାର ଫାଇଦା ଉଠାଇ ଓଝାଙ୍କ ଘର ବାରଣ୍ଡା ଭାଙ୍ଗି ପାଚେରି ବୁଲାଇଛନ୍ତି। ଏ ନେଇ ଓଝା ଅତିରିକ୍ତ ଡିସିପି ଗଦାଧର ପ୍ରଧାନୀଙ୍କ ନିକଟରେ ବୁଧବାର ଅଭିଯୋଗ କରିବା ପରେ ଆରମ୍ଭରୁ କାହିଁକି ଜଣାଇଲ ନାହିଁ ବୋଲି ସେ କହିଥିଲେ। ଏହାପରେ ତହସିଲଦାରଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେବା ସହ ଥାନା ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆମ ଭଳି ଝିଟିପିଟିଆଙ୍କୁ ନ୍ୟାୟ ମିଳିବ ନାହିଁ ବୋଲି ଓଝା କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ତାଙ୍କ ନିକଟକୁ ମୋ ସରକାର ପକ୍ଷରୁ ଫୋନ କଲ ଆସିଥିଲା। ପୋଲିସ ବ୍ୟବହାର ଏବଂ କାର୍ଯ୍ୟାନୁଷ୍ଠାନ ନେଇ ମତାମତ ଜଣାଇଛନ୍ତି। ମୋ ସରକାର ପକ୍ଷରୁ କ'ଣ ପଦକ୍ଷେପ ନିଆଯାଉଛି ତାହାକୁ ସେ ଅପେକ୍ଷା କରିଥିବା କହିଛନ୍ତି।

### ଜଗନ୍ନାଥ ଭରସା



ବାଲକାଟୀ ଅଞ୍ଚଳରେ ବୃଦ୍ଧ ନନ୍ଦ ରାଉତ ଚାଷବାସ କରି ପରିବାର ଚଳାନ୍ତି। ତାଙ୍କ ନିଜସ୍ୱ ଜମି ଉପରେ ଇନ୍ଦିରା ଆବାସ ତିଆରି କରୁଥିବା ବେଳେ ଅପରପକ୍ଷ ଏହାକୁ କରିବାକୁ ଦେଉନାହାନ୍ତି। ଏ ନେଇ କୋର୍ଟରେ ୪ ଥର ବୃଦ୍ଧଙ୍କ ସପକ୍ଷରେ ରାୟ ମିଳିବା ପରେ ମଧ୍ୟ ସେ ଘର କରିପାରୁନାହାନ୍ତି। ସେ ଘର କରିବାକୁ ଗଲେ ତାଙ୍କୁ ଆକ୍ରମଣ କରାଯାଉଛି। ଏପରି କି ପିସିଆର ଭ୍ୟାନ କର୍ମଚାରୀ ମଧ୍ୟ କାମ ନ କରିବାକୁ ତାଙ୍କ ଉପରେ ଚାପ ପକାଉଛନ୍ତି। ଏ ନେଇ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହେବା ପରେ ନନ୍ଦ ଗତ ବୁଧବାର ଅତିରିକ୍ତ ଡିସିପି ଗଦାଧର ପ୍ରଧାନୀଙ୍କ ଦ୍ୱାରସ୍ଥ ହୋଇଥିଲେ। ନନ୍ଦ ଘର କାମ କରିବା ବେଳେ ତାଙ୍କୁ ସୁରକ୍ଷା ଦେବାକୁ ପ୍ରଧାନୀ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରବିବାର କାମ କରୁଥିବା ବେଳେ ପୁଣି ଅପରପକ୍ଷ ବିରୋଧ କରିବା ଆରମ୍ଭ କଲେ। କିଛି ସମୟ ପରେ ପିସିଆର ଭ୍ୟାନ ପହଞ୍ଚି ନନ୍ଦ ଓ ସେମାନଙ୍କ ପରିବାର ଲୋକଙ୍କୁ ବାଲିଅନ୍ତା ଥାନାକୁ ନେଇଥିଲା। କିନ୍ତୁ ଥାନା ପୂର୍ବରୁ ଆଉ କାମ ନାହିଁ କହି ସେମାନଙ୍କୁ ବାଟରେ ଛାଡ଼ିଦିଆଯାଇଥିଲା। ନନ୍ଦ ନିର୍ମାଣସ୍ଥଳକୁ ଫେରିଲା ବେଳକୁ ଅଧା ତିଆରି ତାଜା ଏବଂ ଅନ୍ୟାନ୍ୟ କାମ ଭଙ୍ଗାଭଙ୍ଗି ହୋଇ ପଡ଼ିଥିଲା। ନନ୍ଦ ନିରାଶ ହୋଇ କେବଳ ଜଗନ୍ନାଥ ଭରସା ବୋଲି କହିଛନ୍ତି।

### କ'ଣ କୁହନ୍ତି ଏମାନେ...

"ଜାଗାବାଡ଼ିକୁ ନେଇ ରାଜଧାନୀର ବିଭିନ୍ନ କୋର୍ଟରେ ୫ ହଜାରରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ପୋଲିସ ମୋଟା ଅଙ୍କର ଟଙ୍କା ପାଇ ପାତରଅନ୍ତର ନୀତି କରୁଛି। ପୋଲିସ ଉପରେ ଚାପ ପଡ଼ିଲେ ହାତ ଗଣତି ଲୋକ ନ୍ୟାୟ ପାଉଥିବା ବେଳେ ବହୁ ନିରୀହ ଅସହାୟ ଲୋକ ନିରାଶ ହେଉଛନ୍ତି। ସେମାନେ ଆକ୍ରମଣର ଶିକାର ହେବା ସହ ସମ୍ପତ୍ତି ହରାଉଛନ୍ତି। ସରକାର ଏ ଦିଗରେ ତତ୍ପରତା ନ ଦେଖାଇଲେ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତି ଜବରଦଖଲ ଓ ହିଂସା ବୃଦ୍ଧିପାଇବ।

*– ବିସ୍ମୟ କୁମାର ଷ୍ଟାଲିନ, ଆଇନଜୀବୀ*

"ଉଭୟ ପକ୍ଷରୁ କିଏ ସତ କହୁଛି କିଏ ମିଛି କହୁଛି ତାହା ଜାଣିବା ସମ୍ଭବ ହେଉନାହିଁ। ତେଣୁ ସିଭିଲ କେସ୍ ଆସିଲେ କୋର୍ଟ ଏବଂ ତହସିଲଦାରଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଉଛୁ। ତାହା ଛଡ଼ା ସିଭିଲ କେସ୍‌ରେ ଯଦି କେହି ଆଇନକୁ ହାତକୁ ନେଉଛି ପୋଲିସ ସେଠାରେ ହସ୍ତକ୍ଷେପ କରୁଛି। ମାସକୁ ଶହଶହ ଲୋକେ ଜମିବାଡି ବିବାଦ ଅଭିଯୋଗ ନେଇ ଥାନାକୁ ଆସୁଛନ୍ତି, ସ୍ୱଳ୍ପ କର୍ମଚାରୀକୁ ନେଇ ଥାନା କାର୍ଯ୍ୟ ତୁଲାଇବା ବେଳକୁ ସବୁ ସ୍ଥାନରେ ପହଞ୍ଚି ସେବା ଯୋଗାଇବା ସମ୍ଭବ ହେଉନାହିଁ। ତଥାପି ଆବଶ୍ୟକ ସ୍ଥଳରେ ପୋଲିସ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେବା ସହ ଯଥା ସମ୍ଭବ ଅଭିଯୋଗକାରୀଙ୍କୁ ସୁରକ୍ଷା ଯୋଗାଯାଉଛି।

*– ଯତୀନ୍ଦ୍ର ନାଥ ସେଠୀ, ମଞ୍ଚେଶ୍ୱର ଥାନା ଅଧିକାରୀ*

"ବାଲକାଟୀର ନନ୍ଦ ରାଉତ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳର ହାଡିବନ୍ଧୁ ଓଝାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ଏଥିସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ପୋଲିସ ଜାଣିଶୁଣି ଅବହେଳା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

*–ଗଦାଧର ପ୍ରଧାନୀ, ଅତିରିକ୍ତ ଡିସିପି*

## ଐତିହ୍ୟ ପଦଯାତ୍ରା: ନୃତ୍ୟଶିଳ୍ପୀ ଭଙ୍ଗୀରେ ପର୍ଯ୍ୟଟକ

ଭୁବନେଶ୍ୱର (ବ୍ୟୁରୋ) ୧୫।୧୨:



ରବିବାର ଏକାମ୍ରକ୍ଷେତ୍ରରେ ୧୫୦ତମ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ମନ୍ଦିରରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ପର୍ଯ୍ୟଟକଙ୍କ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମନ୍ଦିର ଓ ଐତିହ୍ୟଗୁଡିକରେ ରହିଥିବା ନୃତ୍ୟଶିଳ୍ପୀଙ୍କ ଭଙ୍ଗୀରେ ରହିଥିଲେ ପର୍ଯ୍ୟଟକ। ଏହାକୁ ନେଇ ପର୍ଯ୍ୟଟକମାନେ ବେଶ୍ ଉତ୍ସାହିତ ହୋଇପଡିଥିଲେ। ପଦଯାତ୍ରା ଆଗକୁ ବଢିବା ସହିତ ମନ୍ଦିରର କାରୁକାର୍ଯ୍ୟ ଓ ଇତିହାସ ଜାଣିଥିଲେ ପର୍ଯ୍ୟଟକ। ଏହି ଐତିହ୍ୟ ପଦଯାତ୍ରାରେ ୪୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ସାମିଲ ହୋଇଥିଲାବେଳେ କେତେଜଣ ନୂଆ ସାମିଲ୍ ହୋଇ ନୂଆ ଅନୁଭବ ସାଉଣ୍ଟିଥିଲେ। ଓଡ଼ିଶୀ ନୃତ୍ୟପରେ ପଦଯାତ୍ରା ସରିଥିଲା।

### ମାରାଥନ୍ ପୁସ୍ତକ ଲୋକାର୍ପଣ ଉତ୍ସବ

## ଲୋକାର୍ପିତ ହେଲା ୩୦ ପୁସ୍ତକ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

'ଟାଇମପାସ୍' ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ମାରାଥନ୍ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବହୁ ଜଣାଶୁଣା ଏବଂ ଯୁବ ଲେଖକଙ୍କ ଦ୍ୱାରା ଲିଖିତ ମୋଟ ୩୦ ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ କଥାଶିଳ୍ପୀ ପଦ୍ମଜ ପାଲଙ୍କ ଶ୍ରେଷ୍ଠ ଗଳ୍ପ ଓ 'ହାଏ ମୁନି, କେମିତି ଅଛ', ସୀତେଶ ତ୍ରିପାଠୀ, ଦେବବ୍ରତ ମଦନରାୟ ଓ ଦେବପ୍ରସାଦ ଦାଶଙ୍କ ଶ୍ରେଷ୍ଠ ଗଳ୍ପ, ଦେବଦାସ ଛୋଟରାୟଙ୍କ 'ମଲ୍ଲିକା'ର ଦ୍ୱିତୀୟ ସଂସ୍କରଣ, ଜୟନ୍ତୀ ରଥଙ୍କ 'ଝିଅର ଚିଠି', ମୃଣାଳ ଚାଟାର୍ଜୀଙ୍କ 'କୁକୁର କାହାଣୀ', କେଦାର ମିଶ୍ରଙ୍କ 'ରାଗ କେଦାର', ସଞ୍ଜୟ ମିଶ୍ରଙ୍କ 'ଚିତ୍ର', ଗୋଲକ ଦଳାଇଙ୍କ 'ସ୍ମୃତି ଫୁଲ ତୁମେ', ମମତା ତ୍ରିପାଠୀଙ୍କ 'ଚୂନା ଚୂନା ଜୋଛନା', ଆନପା ମାରଣ୍ଡିଙ୍କ 'ରଙ୍ଗ ଦେଖି ସାପ ଚିହ୍ନେ ସମାୟ ସୋରେନ', ନନ୍ଦିତା ମହାନ୍ତିଙ୍କ 'ରାସ୍ତାକଡ଼ ଝିଅ', ସରୋଜ ବଳଙ୍କ 'ପ୍ରେମ ପହଣ୍ଡି' ସମେତ ସୁନୀଲ ପୃଷ୍ଟି, ପ୍ରମିଳା ଶତପଥୀ, ପଲ୍ଲବୀ ନାୟକ ଓ ଡ. ବନଜା ସାହୁଙ୍କ ପୁସ୍ତକ ଲୋକାର୍ପିତ ହୋଇଥିଲା। ୩୦ ବର୍ଷରୁ କମ୍ ବୟସର ୩୦ ନବପ୍ରତିଭାଙ୍କ ଗଳ୍ପ ଓ କବିତାକୁ ନେଇ ସରୋଜ ବଳଙ୍କ ସମ୍ପାଦନାରେ ପ୍ରସ୍ତୁତ 'ଉଦୟରାଗ'ର ଦ୍ୱିତୀୟ ସଂସ୍କରଣ ସହ ଲୋପାମୁଦ୍ରା ମିଶ୍ର, ବିସ୍ମିତାରାଣୀ ସାହୁ, ନିରୁପମା ବେହେରା, ସୌମ୍ୟରଞ୍ଜନ ଖେତୀ, ଲାବଣ୍ୟ ନାୟକ, ରୀତାଞ୍ଜଳି ମହାରଣା, ସ୍ମୃତିପ୍ରଭା ସାହୁ, ବରଦା ପ୍ରସାଦ ଜେନା, ପ୍ରଶାନ୍ତ ମହାପାତ୍ର, ଶୁଭଶ୍ରୀ ମହାରଣାଙ୍କ ଦ୍ୱାରା ପ୍ରଥମଥର ପାଇଁ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ଗାୟତ୍ରୀ ସରାଫ, ଡ. ଅର୍ଚ୍ଚନା ନାୟକ, ଡ. ହିରଣ୍ମୟୀ ମିଶ୍ର, ରବି ସ୍ୱାଇଁ, ଡ. ଜୟନ୍ତୀ ରଥ ଅତିଥି ଭାବେ ଯୋଗଦେଇ ପୁସ୍ତକଗୁଡିକୁ ଲୋକାର୍ପଣ କରିଥିଲେ। 'ଟାଇମପାସ୍' ନିର୍ଦ୍ଦେଶକ ସରୋଜ ବଳ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ୧୬ ପ୍ରତିଭାଙ୍କୁ 'ସୂର୍ଯ୍ୟକ୍ଷେତ୍ର' ସମ୍ମାନ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ୧୧ତମ ବାର୍ଷିକ ଉତ୍ସବ ଏବଂ 'ସୂର୍ଯ୍ୟକ୍ଷେତ୍ର' ସମ୍ମାନ ସମାରୋହ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଅକ୍ଷୟ ପାଣି, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଦୁର୍ଲଭ ସିଂ ଏବଂ ଲାୟନ୍ସ ଇଂ ବିପିନ ବିହାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଆୟୋଜିତ ଚିତ୍ରାଙ୍କନ, ରାଇମ୍‌ସ, ବକ୍ତୃତା, ନୃତ୍ୟ ଓ ଫ୍ୟାଶନ ଶୋ' ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ୧୬ ବିଶିଷ୍ଟ ବ୍ୟକ୍ତିଙ୍କୁ 'ସୂର୍ଯ୍ୟକ୍ଷେତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ୩ଜଣ ଅସହାୟଙ୍କୁ ସିଲେଇ ମେସିନ୍ ପ୍ରଦାନ କରାଯିବା ସହ ଦିବ୍ୟାଙ୍ଗ ଯୁବତୀଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ସ୍ୱାଗତଭାଷଣ ଦେଇଥିବାବେଳେ ସମ୍ପାଦକ ଡ. ସୁକାନ୍ତି ମିଶ୍ର ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ।

## ଏକାଦଶତମ ଭରତମୁନି ସମ୍ମାନ ଉଦ୍‌ଘାଟିତ

### ମନଜିଣିଲା ନୃତ୍ୟାଭିନୟରେ ରାମାୟଣ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ):

କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ଏକାଦଶତମ ଭରତମୁନି ସମ୍ମାନ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଉତ୍ସବକୁ ରାଜ୍ୟ ସଭା ସଦସ୍ୟା ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାକ୍ତନ୍ ରାଷ୍ଟ୍ରଦୂତ ଅବସର ବେଉରିଆ ଏବଂ ପ୍ରତିଷ୍ଠାତା ଅଂଶୁମାନ ମିଶ୍ର ଏହି ଅବସରରେ ଉପସ୍ଥିତ ଥିବାବେଳେ ନୃତ୍ୟଗୁରୁ ପୁଷ୍ପିତା ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ 'ଦେବୀ ଅଷ୍ଟକମ୍' ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ପରେ ପ୍ରଖ୍ୟାତ କୁଚିପୁଡ଼ି ନୃତ୍ୟାଙ୍ଗନା ଡ. ପି. ରାମଦେବୀ ନୃତ୍ୟାଭିନୟରେ ନବରସରେ ରାମାୟଣର ଚିତ୍ରଣ କରିଥିଲେ। ପଚ୍ଛଦପଟ ଗାୟିକା ପ୍ରୀତିନନ୍ଦା ରାଉତରାୟ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ଗାୟନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସୋମବାର ହେବାକୁ ଥିବା ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ପଦ୍ମଭୂଷଣ ଧନଞ୍ଜୟ ଦମ୍ପତି ଯୋଗଦେବାକୁ ଥିବାବେଳେ ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ 'ଭରତମୁନି ସମ୍ମାନ-୨୦୧୯'ରେ ସମ୍ମାନିତ କରିବେ।

### ୪ର୍ଥ ସପ୍ତାହରେ ଚନ୍ଦ୍ରଶେଖରପୁର ଷ୍ଟ୍ରିଟ୍ ମଜା

## ଶୀତୁଆ ସକାଳରେ ଓଡ଼ିଶୀର ମଜାନେଲେ



ଯୁବତୀ ଯୁବକମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ଭୁବନେଶ୍ୱର (ବ୍ୟୁରୋ) ୧୫।୧୨:

ସପ୍ତାହର ୬ଦିନ ବ୍ୟସ୍ତ ବହୁଳ ଜୀବନକୁ ଟିକେ ନିଆରା କରିବାକୁ ଚନ୍ଦ୍ରଶେଖରପୁର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପ୍ରତି ରବିବାର ଅନୁଷ୍ଠିତ ହେଉଛି 'ଷ୍ଟ୍ରିଟ୍ ମଜା'। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପଠାରୁ ଡମଣା ଛକ ଯାଏ ହେଉଥିବା ଏହି କାର୍ଯ୍ୟକ୍ରମ ଏବେ ଚତୁର୍ଥ ସପ୍ତାହରେ ପହଞ୍ଚିଛି। ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଉଛି ଷ୍ଟ୍ରିଟ୍ ମଜା। ଏଥର ଶୀତୁଆ ସକାଳରେ ଓଡ଼ିଶୀ ନୃତ୍ୟର ମଜା ନେଇଥିଲେ ସହରବାସୀ। ମନ ଜିଣିଲା ଭଳି ଡ୍ୟାନ୍ସ ସହ ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ବାନ୍ଧି ରଖିଥିଲା। ବରିଷ୍ଠ ନାଗରିକମାନେ ଯୋଗ, ଧ୍ୟାନ ଓ କୁନି ପିଲାମାନେ ଚିତ୍ରାଙ୍କନ କରି ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ହାଉସିଂବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଆଇନଜୀବୀ ସମରେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସ୍ମାର୍ଟସିଟିରେ ସେବା ଯୋଗାଇବ ହ୍ୟୁମାନ ଇଣ୍ଟର ଆକ୍ଟିଭ୍ ଇଣ୍ଟରଫେସ୍ ସିଷ୍ଟମ କିଓସ୍କ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ):




ଭୁବନେଶ୍ୱର ସ୍ମାର୍ଟସିଟି ହେବାପରେ ସହରରେ ନାଗରିକ ସେବାକୁ ସ୍ମାର୍ଟ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। କିଛିଦିନ ତଳେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ) ଦ୍ୱାରା ୫୦ କାର୍ଯ୍ୟାଳୟ ଓ ୨୫ ଜନବହୁଳ ସ୍ଥାନରେ ଡିଜିଟାଲ କିଓସ୍କ ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏବେ ହ୍ୟୁମାନ ଇଣ୍ଟର ଆକ୍ଟିଭ୍ ଇଣ୍ଟରଫେସ୍ ସିଷ୍ଟମ କିଓସ୍କ ସ୍ମାର୍ଟସିଟି ନାଗରିକଙ୍କୁ ସ୍ମାର୍ଟ ସେବା ଯୋଗାଇବ। ଏଥିରେ ମାଗଣା ଫୋନ୍ କଲ୍, ଆପାତକାଳୀନ କଲ୍ ବ୍ୟବସ୍ଥା ସହ ମାଗଣା ମୋବାଇଲ ଚାର୍ଜିଂ ପଏଣ୍ଟ, ମାଗଣା ଇ-ଯାନବାହନ ଚାର୍ଜିଂ ପଏଣ୍ଟ, ମାଗଣା ଆଶୁ ଚିକିତ୍ସା ପାଇଁ ମେଡ଼ିକାଲ କିଟ୍, ସୋଲାର ସିଷ୍ଟମ ରହିବ। ଏଥିସହ ୫୫ ଇଞ୍ଚର ଏକ ଏଲଇଡି ସ୍କ୍ରିନ୍ ସଚେତନତା ବାର୍ତ୍ତା ଦେବ। ଏହା ଓଡ଼ିଶା ଉଦ୍ୟୋଗ ଓ ଭାରତ ଉଦ୍ୟୋଗ ଦ୍ୱାରା ରେଜିଷ୍ଟର ହୋଇଥିବାବେଳେ ୫ଜଣ ଯୁବ ଇଞ୍ଜିନିୟର ଚିତ୍ତରଞ୍ଜନ ବେହେରା, ଗଣେଶ ମୁନି, ଦିବ୍ୟ ସିଦ୍ଧାନ୍ତ, ଚିରଞ୍ଜୀବୀ ନାୟକ ଓ ବିଶାଳ ବିବେକ୍ କବିରାଜ ଏହାକୁ ତିଆରି କରିଥିବା ବିଏମ୍‌ସି ବିଜ୍ଞପ୍ତିରୁ ଜଣାପଡ଼ିଛି।

## ସାହିତ୍ୟ ସର୍ବଦା ଚିରସ୍ଥାୟୀ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ):

ସାହିତ୍ୟ ସର୍ବଦା ଚିରସ୍ଥାୟୀ। ଏହା ଭାଷା, ସାହିତ୍ୟ, ସଂସ୍କୃତି ଓ ସଭ୍ୟତାକୁ ପରିପୃଷ୍ଟ କରି ବିଶ୍ୱ ଦରବାରରେ ପ୍ରତିପାଦିତ କରିଥାଏ ବୋଲି ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ରବିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ କୋଣାର୍କ ଓଡ଼ିଶା ପରିବାରର ଷଷ୍ଠବାର୍ଷିକ ସାହିତ୍ୟ ଉତ୍ସବ ଅବସରରେ ମନ୍ତ୍ରୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ କଟକ ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଦୀପକ ସାମନ୍ତରାୟ ଯୋଗଦେଇ କହିଥିଲେ, ସାମାଜିକ ଗଣମାଧ୍ୟମ ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିଛି। ଶବ୍ଦ ପ୍ରୟୋଗ ଓ ଏହାର ଶୈଳୀ ଆଧୁନିକ ସାହିତ୍ୟ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନ ଆୟକର ଆୟୁକ୍ତ ଶରତ ଦାଶ ଓ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୮ଜଣ ପ୍ରତିଭାଙ୍କୁ 'କୋଣାର୍କ ଓଡ଼ିଶା ସମ୍ମାନ' ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସାହିତ୍ୟ, କଳା, ସଂସ୍କୃତିର ଅଭିବୃଦ୍ଧି ପାଇଁ ବହୁ ସଂଖ୍ୟାରେ ପରିବାରରେ ଯୋଗ ଦେବାକୁ ସମ୍ପାଦକ ବିଚିତ୍ର ମହାପାତ୍ର ଆହ୍ୱାନ କରିଥିଲେ। ଏହି ଅବସରରେ ସର୍ବାଣୀ ଦାସ, ଦେବୀ ପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି କପିଳେଶ୍ୱର ଖମାରୀ ଅଧ୍ୟକ୍ଷତା କରିଥିଲେ।




ଉତ୍ସବରେ ଯୋଗ ଦେଇଥିବା ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୬/୨୦୧୯ Bhubaneswar, Monday, December 16/2019

# ଏସ୍‌ପିଙ୍କ ନାଁରେ ଯୌନ ନିର୍ଯାତନା ଆଣିଲେ ବୋହୂ

**କଟକ ଅଫିସ, ୧୫।୧୨**

ଦକ୍ଷିଣ ଓଡ଼ିଶାରେ କାର୍ଯ୍ୟରତ ଜଣେ ଭାରପ୍ରାପ୍ତ ଏସ୍‌ପିଙ୍କ ନାଁରେ ତାଙ୍କ ବୋହୂ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏନେଇ କଟକ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହେବା ପରେ ଆଇପିସି ଦଫା ୩୪୨, ୩୨୩, ୩୫୪(ଏ), ୩୫୪(ଡି), ୫୦୬, ୫୦୯, ୪୯୮(ଏ) ଓ ୩୪ ଅନୁଯାୟୀ ଏକ ମାମଲା(ନଂ. ୩୭୧/୧୯) ରୁଜୁ ହୋଇ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ତାପସ ଚନ୍ଦ୍ର ପ୍ରଧାନ କହିଛନ୍ତି।

ଅଭିଯୋଗ ଅନୁଯାୟୀ, କିଛିମାସ ତଳେ ଉକ୍ତ ଏସ୍‌ପି ଓ ତାଙ୍କ ସ୍ତ୍ରୀ ଚାଉଳିଆଗଞ୍ଜସ୍ଥିତ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ତାଙ୍କ ପୁଅ, ବୋହୂ ସିଡିଏ ଅଞ୍ଚଳରେ ରୁହନ୍ତି। ଅକ୍ଟୋବର ୧୬ରେ ବିବାହ ବାର୍ଷିକୀ ଅବସରରେ ପୁଅ, ବୋହୂ ଦୁହେଁ ବୁଲିବା ପାଇଁ ଚାଉଳିଆଗଞ୍ଜସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ପୂର୍ବରୁ ସେଠାରେ ଶାଶୁଶ୍ୱଶୁର ରହୁଥିଲେ। କୌଣସି କାର୍ଯ୍ୟରେ ଏସ୍‌ପିଙ୍କ ପୁଅ କିଛିଦିନ ଲାଗି ବାହାରକୁ ଯାଇଥିଲେ। ତେବେ ବୋହୂ ଚାଉଳିଆଗଞ୍ଜରେ ତାଙ୍କ ଶାଶୁଶ୍ୱଶୁରଙ୍କ ନିକଟରେ ରହିଥିଲେ। ଏହି ସମୟରେ ଶାଶୁଶ୍ୱଶୁର ମିଶି ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ। ଏପରି କି ଶ୍ୱଶୁର(ଏସ୍‌ପି) ଯୌନ ନିର୍ଯାତନା ଦେଇଥିବା ନେଇ ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବୋହୂଙ୍କ ଏପରି ଅଭିଯୋଗକୁ ଏସ୍‌ପି ଜଣକ ଖଣ୍ଡନ କରିବା ସହ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ପୁଅବୋହୂ ଦିନଟିଏ ବି ଆମ ପାଖରେ ରହିନାହାନ୍ତି। ସେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେମାନେ ମୋତେ ଟଙ୍କା ମାଗିଥିଲେ, ମୁଁ ମନା କରିବାରୁ ମୋ ବିରୋଧରେ ଏପରି ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ଏସ୍‌ପି ଜଣକ କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ନିମାପଡ଼ା,୧୪।୧୨ (ଡି.ଏନ.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତ ଅଧୀନସ୍ଥ ଜଅଁରା ଗ୍ରାମର ବିଶ୍ୱରଞ୍ଜନ ବଳବନ୍ତରାୟ(୨୦)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ନିମାପଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ନେଇ ମୃତ ଯୁବକଙ୍କ ଭାଇ ସଞ୍ଜୀବ କୁମାର ବଳବନ୍ତରାୟ ଅଭିଯୋଗ ପରେ ପୋଲିସ ନଂ. ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମ ନିକଟରେ ଥିବା ଏକ ପାଣିଖାଲରେ ମାଛ ଧରିବାକୁ ଗ୍ରାମର ୪/୫ଜଣ ଯୁବକ ବିଦ୍ୟୁତ୍ ମୋଟର ପକାଇ ପାଣି ଶୁଖାଉଥିଲେ। ଏହି ସମୟରେ ବିଶ୍ୱରଞ୍ଜନ ଆସି ଅସାବଧାନତାବଶତଃ ସେହି ମୋଟରକୁ ଧରି ଦେବାରୁ କରେଣ୍ଟ ମାରିଥିଲା। ପରିବାରଲୋକେ ଓ ଗ୍ରାମବାସୀ ଗୁରୁତର ଅବସ୍ଥାରେ ବିଶ୍ୱରଞ୍ଜନଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଚରଣ ଶୁଦ୍ଧ ନ ହେଲେ
ମୋକ୍ଷ ମିଳିବା ଅସମ୍ଭବ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

**ଆଠଗଡ,୧୫।୧୨(ସ୍ୱ.ପ୍ର.):** ଆଠଗଡ-ମୁଣ୍ଡଳି ରାସ୍ତାର ମେଘା ଗଡାଣୀ ନିକଟରେ ରବିବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମେଘା ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କ ପୁଅ ଶ୍ରୀନିବାସ (୨୨)। ଶ୍ରୀନିବାସ ଏକ ବାଇକ୍‌ରେ ଆଠଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ମେଘା ଗଡାଣି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଆଠଗଡ ପୋଲିସ ଘଟଣାସ୍ଥଳରୁ ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ଗୋଟିଏ ରାତିରେ ୩୭ ମେଣ୍ଢା ଚୋରି

**ବାଙ୍କୀ,୧୫।୧୨(ସ୍ୱ.ପ୍ର.):** ବାଙ୍କୀ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ୩୭ ମେଣ୍ଢା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ୨ ଭାଇ ଗଣେଶ୍ୱର ବେହେରା, ସୁର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ଉଭୟ ଭାଇ ମେଣ୍ଢାଗୁଡିକୁ ଗୁହାଳରେ ରଖି କବାଟ ଦେଇ ଘରେ ଶୋଇଥିଲେ। ସକାଳୁ ଉଠି ଦେଖିବା ବେଳକୁ ଗୁହାଳ କବାଟ ଭଙ୍ଗା ହୋଇଥିଲା। ଏଥିସହ ମେଣ୍ଢାଗୁଡିକ ସେଠାରେ ନଥିଲେ। ଦୁର୍ବୃତ୍ତମାନେ ମେଣ୍ଢାଗୁଡିକ ଉପରେ ନିଶା ଔଷଧ ପ୍ରୟୋଗ କରି ଚୋରି କରିନେଇଥିବା ସନ୍ଦେହ କରାଯାଉଛି। ଖବରପାଇ ପୋଲିସ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଓ ଶତ୍ରୁଘ୍ନ ଦଳେଇ ଘଟଣା ସ୍ଥଳକୁଯାଇ ଏହାର ତଦନ୍ତ କରିବା ସହ ଥାନାରେ ମାମଲା (ନଂ.୩୫୨/୧୯) ରୁଜୁ କରିଛନ୍ତି। ଚୋରି ହୋଇଥିବା ମେଣ୍ଢାର ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଧରିବା ସହ ମେଣ୍ଢାମାଲିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଓଷାରାଣୀ ସାହୁ ଦାବି କରିଛନ୍ତି।

### 'ସୁଖ, ଶାନ୍ତିର ମାର୍ଗ ସତ୍‌ସଙ୍ଗ'

**କଣ୍ଟାପଡା, ୧୫।୧୨(ଡି.ଏନ୍.ଏ.):** ନିଆଳି ନିର୍ବାଚନ ମଣ୍ଡଳୀର ୭ଟି ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଗୋବିନ୍ଦପୁର କେନ୍ଦ୍ରଠାରେ ସ୍ୱସ୍ତିତପା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସହ ପ୍ରତିଋତ୍ୱିକ ଗିରିଧାରୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ବିଜୟ କୁମାର ସ୍ୱାଇଁ କହିଥିଲେ, ସାମ୍ପ୍ରତିକ ଜୀବନରେ ଶାନ୍ତି ପାଇଁ ସତ୍‌ସଙ୍ଗ ହିଁ ଏକମାତ୍ର ମାର୍ଗ। ଅନ୍ୟତମ ଅତିଥିଭାବେ ସହ ପ୍ରତି ଋତ୍ୱିକ ଅଭୟ କୁମାର ପରିଡା ଯୋଗ ଦେଇଥିଲେ। ଅପରାହ୍ନରେ ସ୍ୱର୍ଣ୍ଣବାଳା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମାତୃ ସମ୍ମିଳନୀରେ ମହିଳାମାନେ ଯୋଗଦେଇଥିଲେ। ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କ ଦୀକ୍ଷା ଗ୍ରହଣ କରିଥିଲେ। ସକାଳେ ଗୋବିନ୍ଦପୁର ଅଞ୍ଚଳରେ ନଗରକୀର୍ତ୍ତନ କରାଯିବା ସହ ଉପେନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ସଙ୍ଗୀତାଞ୍ଜଳୀ ପରିବେଷଣ କରାଯାଇଥିଲା। ବିନୋଦ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

### ଟ୍ରାକ୍ଟର ଧକ୍କାରେ ଶିଶୁ ଗୁରୁତର

**ଚୌଦ୍ୱାର,୧୫।୧୨(ଡି.ଏନ୍.ଏ.):** ଟ୍ରାକ୍ଟର ଧକ୍କାରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ ନୁଆସାହିର ଧରିତ୍ରୀ ଭୂଷଣ ପ୍ରତିହାରୀଙ୍କ ଝିଅ ଆଦ୍ୟାଷା(୫) ଗୁରୁତର ହୋଇଛନ୍ତି। ରବିବାର ଆଦ୍ୟାଷା ଘର ସମ୍ମୁଖ ରାସ୍ତାରେ ସାଇକେଲରେ ବୁଲୁଥିବାବେଳେ ପଛରୁ ଏକ ବାଲିବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ପରେ ଆଦ୍ୟାଷା ଟ୍ରାକ୍ଟରର ପଛଚକା ତଳେ ସାଇକେଲ ସହିତ ଚାପି ହୋଇଯିବାରୁ ତାଙ୍କ ଡାହାଣ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

■ ୨ କାରଖାନା ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ

# ପ୍ରତିଶ୍ରୁତି ଉଲ୍ଲଂଘନ ବିରୋଧରେ ରାସ୍ତାରୋକୋ

**ଖୁଣ୍ଟୁଣୀ,୧୫।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଦୁଇ କାରଖାନା ପ୍ରଦୂଷଣ କରୁଥିବାରୁ ଏହା ବିରୋଧରେ ୧୦ଦଫା ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ସ୍ୱର ଉତ୍ତୋଳନ କରିଛନ୍ତି। ଶତାଧିକ ଗ୍ରାମବାସୀ ରବିବାର ନୂଆଶାସନ ଛକରେ ରାସ୍ତା ଅବରୋଧ କରି ବସି ରହିବା ଯୋଗୁ କଖଡ଼ି ଓ ଘଣ୍ଟିଖାଲଠାରେ କାରଖାନାକୁ ଆସିଥିବା ଭାରିଯାନଗୁଡ଼ିକ ଅଟକି ରହିଥିଲା। ୧୦ଘଣ୍ଟା ପର୍ଯ୍ୟନ୍ତ ଗ୍ରାମବାସୀ ରାସ୍ତାରେ ବସିରହିବାରୁ ଯାତାୟାତରେ ସାଧାରଣଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଆଠଗଡ଼ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଖୁଣ୍ଟୁଣୀ ଥାନାଧିକାରୀ ସଚିତ୍ର ବିର୍ଯ୍ୟ ଦାସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତଥାପି ସେମାନେ ନ ଶୁଣିବାରୁ ସୋମବାର ଏ ନେଇ ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୁ ହଟିଥିଲେ।

ସୂଚନା ମୁତାବକ, ଏହି ଦୁଇ କାରଖାନା ପକ୍ଷରୁ ଜନଶୁଣାଣିବେଳେ ଗ୍ରାମରେ ପ୍ରଦୂଷିତ ହେବ ନାହିଁ, ଆଞ୍ଚଳିକ ନିଯୁକ୍ତି, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା, ଗମନାଗମନକୁ ପ୍ରାଧାନ୍ୟ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କାରଖାନା କର୍ତ୍ତୃପକ୍ଷ ନିଜ କମ୍ପାନୀକୁ କଞ୍ଚାମାଲ ଯୋଗାଣ ପାଇଁ ତାଳଚେର ଓ ସୁକିନ୍ଦା ଅଞ୍ଚଳରୁ କ୍ରୋମ ଓ କୋଇଲା ନେଇ ପ୍ରତ୍ୟହ ୩ଶହରୁ ୪ଶହ ଟ୍ରକ ଗ୍ରାମ୍ୟ ରାସ୍ତା ଉପରେ ଯାତାୟାତ କରୁଥିବାରୁ ରାସ୍ତାଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ହୋଇଯାଇଛି। ମରାମତି ନ ହେବା ଯୋଗୁ ୩ମାସ ତଳେ ଜଣେ ବାଇକ୍ ଆରୋହୀ ଟ୍ରକ ଚକା ତଳେ ପଡ଼ି ଜୀବନ ହାରିଥିଲେ। ଏହାସହ ଅନେକ ଛୋଟବଡ଼ ଦୁର୍ଘଟଣା ଦୈନନ୍ଦିନ ଘଟୁଥିଲେ ମଧ୍ୟ କାରଖାନା କିମ୍ବା ପ୍ରଶାସନ କେହି ବି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବାବେଳେ ବେକାର ନିଯୁକ୍ତି ମଧ୍ୟ ଏକ ପ୍ରହସନ ପାଲଟିଯାଇଛି। ଏହାବ୍ୟତୀତ କାରଖାନାଦ୍ୱୟ ପ୍ରଦୂଷଣ ନିୟନ୍ତ୍ରଣ ମେଶିନ ଲଗାଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ସେମାନେ ଗତ ନଭେମ୍ବର ୧୮ତାରିଖରେ କଟକ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପ୍ରତି ୧୫ତାରିଖ ମଧ୍ୟରେ କାର୍ଯ୍ୟକାରୀ ନ କଲେ ଆମରଣ ଅନଶନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ରାସ୍ତାରୋକୋ ଯୋଗୁ ଅଟକି ରହିଥିବା ଟ୍ରକ।

## ଗୁରୁଜଙ୍ଗ କପ କ୍ରିକେଟ: ବାଙ୍କୀ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

**ଖୋର୍ଦ୍ଧା ଅଫିସ,୧୫।୧୨:** ଗୁରୁଜଙ୍ଗ କପ କ୍ରିକେଟ ଟୁର୍ନାମେଣ୍ଟରେ ରାଇଜିଂଷ୍ଟାର କୁମାରବସ୍ତକୁ ୧୯ ରନରେ ପରାସ୍ତ କରି ବାଙ୍କୀ ଆଥଲେଟିକ ଆସୋସିଏଶନ ଚାମ୍ପିୟନ ହୋଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଦିଲୀପ ହୋତା ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ କୁମାରବସ୍ତ ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ କରିବାରୁ ବାଙ୍କୀ ୧୯ ରନରେ ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବାଙ୍କୀ ଦଳର ତପନ ନାୟକ, ମ୍ୟାନ ଅଫ ଦି ସିରିଜ ଭାବେ ସାଗର ବେହେରା, ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଭାବେ କୁମାରବସ୍ତ ଦଳର ଅନିଲ ମହାପାତ୍ର ଓ ଶ୍ରେଷ୍ଠ ବୋଲର ଗୁରୁଜଙ୍ଗ ଦଳର ଅସିତ ପରିଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ହାତୀ ଉପଦ୍ରବ: ଫସଲ ନଷ୍ଟ



**ଆଠଗଡ,୧୫।୧୨(ସ୍ୱ.ପ୍ର.):** ଆଠଗଡ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ବନାଞ୍ଚଳ ଅଧୀନ କୁଲାଇଲୋ ପଞ୍ଚାୟତର ଗଡଡଙ୍ଗରିସ୍ଥିତ ତଳଗଡ ଗ୍ରାମ ନିକଟରେ ୩ ହାତୀ ଶନିବାର ବିଳମ୍ବିତ ରାତିରେ ଚାଷ ଜମିରେ ପଶି ବ୍ୟାପକ ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିଦେଇଛନ୍ତି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତଳଗଡ ଗ୍ରାମର ପ୍ରାଣବନ୍ଧୁ ରଣା ଓ ପ୍ରଭାକର ରଣାଙ୍କ ଅଭିଯୋଗ ଅନୁଯାୟୀ, ମହାଦେବ ମନ୍ଦିର ନିକଟରେ ସେମାନଙ୍କ ୨ ଏକର ଚାଷଜମିରେ ଏହି ହାତୀ ପଶି କଲରା, ବାଇଗଣ, ଝୁଡୁଙ୍ଗ ଓ କାକୁଡି ଫସଲ ନଷ୍ଟ କରିଦେଇଛି। ଏଭଳି ଅନେକ ସ୍ଥାନରେ ହାତୀ ଫସଲ ନଷ୍ଟ କରିଛନ୍ତି। ଏଥିଯୋଗୁ ରାତି ଅଧରେ ଚାଷୀମାନେ ଟର୍ଚ୍ଚ ଲାଇଟ ପକାଇ, ହୋ ହଲ୍ଲା କରିଛନ୍ତି। ମାତ୍ର ହାତୀମାନେ ସେଠାରୁ ନଯାଇ ଫସଲ ଖାଇବା ସହ ଦଳି ଚକଟି ସବୁ ନଷ୍ଟ କରିଦେଉଛନ୍ତି ବୋଲି ଚାଷୀମାନେ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଙ୍କୀ ଅବକାରୀ ବିଭାଗରେ ଅଚଳାବସ୍ଥା

**ବାଙ୍କୀ,୧୫।୧୨(ସ୍ୱ.ପ୍ର):** ବାଙ୍କୀ ଅବକାରୀ ବିଭାଗର ନିଜସ୍ୱ ଗୃହ ନାହିଁ। ଏଥିସହ ଅଫସ୍ କାର୍ଯ୍ୟ ପରିଚାଳନା ପାଇଁ ୮ଜଣ କର୍ମଚାରୀଙ୍କ ସ୍ଥାନରେ କେବଳ ୩ଜଣ କର୍ମଚାରୀ କାମକରୁଛନ୍ତି। ଅଭିଯୁକ୍ତମାନଙ୍କ ପାଇଁ ହାଜତ ନ ଥିବାରୁ ସେମାନଙ୍କୁ ନିରାପତ୍ତାରେ ରଖାଯାଇ ପାରୁନାହିଁ। ବାଙ୍କୀ ଅବକାରୀ ବିଭାଗର ନିଜସ୍ୱ ଗାଡି ନ ଥିବାରୁ ଆଠଗଡ ରେଞ୍ଜର ଭ୍ୟାନ ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଚୋରାମଦ ଚଢାଉ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏସମ୍ପର୍କରେ କଟକ ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀ କହିଛନ୍ତି, ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆଠାରେ ଅବକାରୀ ବିଭାଗ କାର୍ଯ୍ୟାଳୟ ପାଇଁ ଗୋଟିଏ ଯାଗା ଯୋଗାଇ ଦିଆଯାଇଛି।

## ରାଢ଼ଙ୍ଗରେ ଜମୁଛି ଲକ୍ଷ୍ମୀପୂଜା

**ରଘୁନାଥପୁର ,୧୫। ୧୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତରେ ଜମୁଛି ଲକ୍ଷ୍ମୀ ପୂଜାର ମାହୋଲ। ମାଣବସା ଗୁରୁବାରଠାରୁ ୭ଟି ମଣ୍ଡପରେ ପୂଜା ପାଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। ବିଭିନ୍ନ ମଣ୍ଡପ ପକ୍ଷରୁ ସାଂସ୍କୃତିକ ଓ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଚାଲିଛି। ଆକର୍ଷଣୀୟ ସାଜସଜାକୁ ଛୋଟି ଓ ଚିତାର ନିର୍ମିତ ରଙ୍ଗ ବେରଙ୍ଗର ଫୁଲ ପରିବେଶକୁ ରଙ୍ଗାୟିତ କରିଛି। ସନ୍ଧ୍ୟା ହେଲେ ପୁରପଲ୍ଲୀ ଉତ୍ସବ ମୁଖରିତ ହୋଇ ଉଠୁଛି। ପାଲା, ଦାସକାଠିଆ, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ଗାଁଠାରୁ ଦୂରରେ ରହୁଥିବା ଲୋକେ ମା'ଙ୍କ ପୂଜା ସମୟରେ ଘରକୁ ଆସିଛନ୍ତି। ତେବେ ଅନୁଷ୍ଠାନ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ମହାଦେବ ଲକ୍ଷ୍ମୀ ପୂଜା କମିଟିର ସଭାପତି ସନ୍ନ୍ୟାସୀ ସାମଲ କହିଛନ୍ତି। ଗତ ୩୩ ବର୍ଷ ଧରି ଅନୁଷ୍ଠାନ ଚାଲି ଆସିଥିବା ଏବଂ ଗ୍ରାମର ସମସ୍ତେ ମା' ନିକଟରେ ଏକତ୍ରିତ ହୋଇଥାନ୍ତି ବୋଲି କମଳକାନ୍ତ ରାଉତ ପ୍ରକାଶ କରିଛନ୍ତି। ସେହିପରି ସମ୍ପର୍କକୁ ଦୃଢୀଭୂତ କରିବାରେ ମା'ର ଆଶୀର୍ବାଦ ଥାଏ ବୋଲି ସୁଧୀର ରଞ୍ଜନ ବାରିକ କହିଛନ୍ତି। ଗ୍ରାମରେ ଏହି ପର୍ବ ପାଳନ ପାଇଁ ଅପେକ୍ଷା କରି ରହିଥାନ୍ତି ଲୋକେ। ପ୍ରତି ପରିବାରକୁ ବାନ୍ଧୁବାନ୍ଧବ ଆସିଥାନ୍ତି। ସାମଗ୍ରିକ ଭାବେ ପୂଜାକୁ ସରସ ସୁନ୍ଦର କରିବାକୁ ମହିଳାମାନେ ଅଣ୍ଟା ଭିଡିଥାନ୍ତି ବୋଲି ଅପରାଜିତା ପାଳ, କଣ୍ଢେଇ ସାମଲ, ଟିକିନା ଜେନା, ଡଲି ଜେନା ଓ ସୁଷମା ରାଉତ ପ୍ରମୁଖ କହିଛନ୍ତି। ରାଢଙ୍ଗ ଗାଁର ମା' ନାରାୟଣୀ କମିଟି, ପାଳ ସାହି, ପତିତପାବନ ପୂଜା କମିଟି, କଳିଙ୍ଗା ପୂଜା କମିଟି ଓ ଜିଲା ଗାଁର ୨ ସ୍ଥାନରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ଏହାଛଡା ସ୍ଥାନୀୟ ପଞ୍ଚାୟତକୁ ଲାଗିଥିବା ରେଢୁଆର ଇଚ୍ଛାପୁର ଗାଁରେ ମଧ୍ୟ ୨ଟି ମଣ୍ଡପରେ ମା' ପୂଜା ପାଉଛନ୍ତି। ଏ ସମ୍ପର୍କରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ କୁହନ୍ତି, ରଜ, ଦଶହରା ଭଳି ମାଣବସା ଲକ୍ଷ୍ମୀ ପୂଜା ପଞ୍ଚାୟତରେ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ। ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଆସନ୍ତା ବୁଧବାର ହେବ ବୋଲି ବିଭିନ୍ନ କମିଟି ପକ୍ଷରୁ କୁହାଯାଇଛି।



ଏକ ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀ।

■ ଏଟିବିଏନ ଓକିଲ ସଂଘରେ ବିବାଦ

## ୨ ସ୍ଥାନରେ ରୌପ୍ୟ ଜୟନ୍ତୀ ପାଳିତ

**କଟକ ଅଫିସ/ ଆଠଗଡ (ସ୍ୱ.ପ୍ର.), ୧୫।୧୨:** ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର (ଏଟିବିଏନ୍) ଓକିଲ ସଂଘରେ ଲାଗି ରହିଛି ବିବାଦ। ଆଠଗଡ଼ ସବ୍‌ଡିଭିଜନ ଅଧୀନରେ ଥିବା ଏହି ୪ଟି ଅଞ୍ଚଳର ଓକିଲଙ୍କୁ ନେଇ ଏଟିବିଏନ୍ ଓକିଲ ସଂଘ ଗଠିତ। ଚଳିତବର୍ଷ ସଂଘ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ରବିବାର କଟକ ଓ ଆଠଗଡ଼ ଦୁଇଟି ସ୍ଥାନରେ ଏହି ଉତ୍ସବ ପାଳିତ ହୋଇଛି। ତେବେ ପୂର୍ବରୁ ଆଠଗଡ଼ରେ ରୌପ୍ୟ ଜୟନ୍ତୀ ପାଳନ କରିଥିବା ସଂଘ ବିପକ୍ଷରେ କଟକରେ ଥିବା ସଂଘ କଟକ ସିଭିଲ୍ ଜଜ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଛି। ଏହାପରେ ମଧ୍ୟ ରବିବାର ଦୁଇଟି ସମାନ୍ତରାଳ ରୌପ୍ୟ ଜୟନ୍ତୀ ଉତ୍ସବ ଦେଖିବାକୁ ମିଳିଛି। କଟକ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଭ୍ୟ ବନୋଜ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ସଂଘ ସଭାପତି ସତ୍ୟବାଦୀ ମନ୍ତ୍ରୀ, ଉପସଭାପତି ସଦୟଲକ୍ଷ୍ମୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ମିଶ୍ର, ଆଠଗଡ଼ ବାର୍‌ର ସଭାପତି ପ୍ରସନ୍ନ କୁମାର ରାଉତ, ତିଗିରିଆ ବାର୍‌ର ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, ବଡ଼ମ୍ବା ବାର୍‌ର ସଭାପତି କୈଳାସ ଜେନା ମଞ୍ଚାସୀନ ଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶଙ୍କ ୫୦ ବର୍ଷର ଓକିଲାତି ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ଆଇନଜୀବୀମାନଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ସତ୍ୟବାଦୀ ମନ୍ତ୍ରୀ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ମିଶ୍ର ଓ ଉପଦେଷ୍ଟା କମିଟିର ମୁଖ୍ୟ ବନୋଜ କୁମାର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

ଅନ୍ୟପକ୍ଷରେ ଆଠଗଡ଼ ଅଶୋକ ନଗରଠାରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ଉତ୍ସବରେ ସମାନ୍ତରାଳ ସଂଘର ସଭାପତି ଫଣିଭୂଷଣ ରଥ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ଶଶିଭୂଷଣ ରଥ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଚାପ୍ଟର ସଭାପତି ଶରତ କୁମାର ପଣ୍ଡା, ଅଦ୍ୱୈତ ଚରଣ ପଣ୍ଡା, ହରିହର ବଳବନ୍ତରାୟ ଓ ବିଷ୍ଣୁ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ନଗେନ୍ଦ୍ର ରଥ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଧିବକ୍ତା ଫଣିଭୂଷଣ ରଥଙ୍କୁ ଏଟିବିଏନ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ହରିରାଜପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର

**ବାଙ୍କୀ, ୧୫।୧୨ (ସ୍ୱ.ପ୍ର):** ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତର ହରିରାଜପୁର ଓ ଜୋରକୁଳ ଗ୍ରାମରେ ରବିବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତରସ୍ଥାପନ ଓ ଉଦ୍‌ଘାଟନୀ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମଚନ୍ଦ୍ର ପଣ୍ଡା ଏମିଇ. ସ୍କୁଲରେ ମିନିମ୍ୟାକ୍ସ ଲାଇଟ୍, ଗ୍ରାମ୍ୟ ଆଲୋକି କରଣ, ସୌରଶକ୍ତି ପାଣିଟାଙ୍କି ଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବା ଯୋଗୁ ଜନସାଧାରଣ ଉପକୃତ ହେବା ସହ ପାନୀୟ ଜଳଯୋଗାଣ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ଦେବସ୍ମୀତା ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସମରେନ୍ଦ୍ର ମହାପାତ୍ର, ପ୍ରଶାନ୍ତି ସେଠୀ, ସୂର୍ଯ୍ୟନାରାୟଣ ପାତ୍ର, ଅଜୟ ନାୟକ ଓ ରମେଶ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲୋପାମୁଦ୍ରା ଚାମ୍ପିୟନ

**ମାହାଙ୍ଗା,୧୫।୧୨(ସ୍ୱ.ପ୍ର.):** ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟସ୍ତରୀୟ କିକ୍ ବକ୍ସିଙ୍ଗ ପ୍ରତିଯୋଗିତାରେ ମାହାଙ୍ଗା ବ୍ଲକ୍ ଅଳିଯୋଡାସ୍ଥିତ ଜେ.ଏନ କଲେଜ ଛାତ୍ରୀ ଲୋପାମୁଦ୍ରା ଜେନା ଚାମ୍ପିୟନ ହୋଇଛନ୍ତି। ସେହିପରି ଏହି ମହାବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ପ୍ରଧାନ ଉଚ୍ଚ ଡିଆଁରେ ୨ୟ ଓ ମଧୁସ୍ମିତା ଖଟୁଆ ଜାଭେଲିନ ଥ୍ରୋରେ ୩ୟ ସ୍ଥାନ ଅଧିକାର କରିଛନ୍ତି। କଲେଜର କ୍ରୀଡା ଶିକ୍ଷକ ନଗେନ୍ଦ୍ର ତ୍ରିପାଠୀ ଏହି କ୍ରୀଡା ପ୍ରତିଯୋଗିତାର ନେତୃତ୍ୱ ନେଇଥିଲେ। ଏହି ସଫଳତା ପରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତମାନଙ୍କୁ କଲେଜ ପକ୍ଷରୁ କୃତଜ୍ଞତା ଜଣାଯାଇଛି।

## କୃଷିର ଉନ୍ନତି ପାଇଁ ଗୋମାତାଙ୍କ ବିକାଶ ଜରୁରୀ

**ନିଶ୍ଚିନ୍ତକୋଇଲି,୧୫।୧୨ (ସ୍ୱ.ପ୍ର.)**

ଗୋମାତା ଧରିତ୍ରୀ ମାତାପରି ସର୍ବ ପୂଜ୍ୟ। ଯେଉଁ ବ୍ୟକ୍ତି ବିଶେଷ ଗୋମାତାକୁ ପଶୁ ଭାବେ ବିବେଚନା କରନ୍ତି ସେମାନେ ସ୍ୱୟଂ ପଶୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର ନିଶ୍ଚିନ୍ତକୋଇଲିସ୍ଥିତ ଗୋରକ୍ଷଣୀର ପ୍ଲାଟିନମ୍ ଜୁବିଲି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସେ ନିଜ ଅଭିଭାଷଣରେ କହିଛନ୍ତି, କେନ୍ଦ୍ର ସରକାର କୃଷି, ଶିକ୍ଷା ଓ ଜଳ ସେଚନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ଜାନୁୟାରୀ ୨୬ ମଧ୍ୟରେ ଦେଶର ସବୁ ପ୍ରାନ୍ତରେ ପ୍ରାକୃତିକ,ବୈଦିକ ଓ ଜୈବିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହି ପଦ୍ଧତିରେ ଚାଷ କାର୍ଯ୍ୟ କରାଗଲେ ଗୋମାତାଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ। ଗୋମାତାଙ୍କ ମଳ,ମୂତ୍ର ଜୈବିକ ଓ ବୈଦିକ ଚାଷ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ କୃଷିର ଉନ୍ନତି ପାଇଁ ଗୋମାତାଙ୍କ ବିକାଶ ଜରୁରୀ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଏଣିକି ରାସାୟନିକ ସାରର ପ୍ରୟୋଗ ଉପରେ ଗୁରୁତ୍ୱ ନଦେଇ ଚାଷୀମାନେ ଜୈବିକ ସାର ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ନିବେଦନ କରିଥିଲେ। ଗୋ ମଙ୍ଗଳ ସମିତିର ସଭାପତି ବିଧାୟକ ଅତନୁ ସବ୍ୟସାଚୀ ନାୟକ ଗୋରକ୍ଷଣୀ ପ୍ଲାଟିନମ ଜୁବୁଲିର ଏହି ଉଦ୍‌ଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତ ଅତିଥି କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଓ ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ଗୋ ସେବା, ଗୋରକ୍ଷା ଉପରେ ବିସ୍ତୃତ ଟିପ୍ପଣୀ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସୁରଭି ଯଜ୍ଞ, ଗୋ ଚିକିତ୍ସା କର୍ମଶାଳା, ଗୋ ପ୍ରଦର୍ଶନୀ, ଗୋ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମିତିର ମୁଖପତ୍ର ଦ୍ୱୟ ଯଥା 'ଧାତ୍ରୀ ଓ ଧାତ୍ରୀ କବିତା' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।





ରାଜ୍ୟପାଳ ଡ. ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ଫୁଲପରି କୋମଳ ହୁଅନ୍ତୁ ଛାତ୍ରୀଛାତ୍ର

**ସାଲେପୁର, ୧୫।୧୨ (ଡି.ଏନ୍.ଏ.):** ସାଲେପୁର ହାଇସ୍କୁଲରେ ୩ ଦିନ ଧରି ଚାଲିଥିବା ପ୍ଲାଟିନମ୍ ଜୁବିଲି ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଡ.ଗଣେଶୀ ଲାଲ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫୁଲ ଭଳି କୋମଳ ହେବାକୁ ପରାମର୍ଶ ଦେଇଥିଲେ। ଫୁଲ ଯେଭଳି ସମସ୍ତଙ୍କୁ ସୁଗନ୍ଧ ପ୍ରଦାନ କରୁଛି, ସେହିପରି ଛାତ୍ରୀଛାତ୍ରମାନେ ସୁଗନ୍ଧ ପ୍ରଦାନ କରିବାକୁ ରାଜ୍ୟପାଳ ବକ୍ତବ୍ୟରେ କହିଥିଲେ। ଉତ୍ସବରେ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭବେ ପଞ୍ଚାୟତିରାଜ, ନଗରଉନ୍ନୟନ ଓ ଆଇନ୍ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ ସାଲେପୁର ହାଇସ୍କୁଲ ଆମ ଅମଳର ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଏକାଠି ହୋଇ ଏହି ମଣିଷ ତିଆରି କାରଖାନାର ଉନ୍ନତି କରିବାକୁ ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ପ୍ରମେୟ ଖବରକାଗଜର ମୁଖ୍ୟ ସମ୍ପାଦକ ଗୋପାଳ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲମଣିଷ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୁରାତନ ପ୍ରଧାନଶିକ୍ଷକ ବିଦ୍ୟାଧର ପରିଡ଼ା, କୃଷ୍ଣଚନ୍ଦ୍ର ଦାଶ, ବରିଷ୍ଠ ଶିକ୍ଷକ ଫକୀର ରଥଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମିହିର କୁମାର ଜେନା, ଲକ୍ଷେହୀରା ଲାବଣ୍ୟବତୀ ବେହେରା, କଟକ ଜିଲା ସୂଚନା ଲୋକସମ୍ପର୍କ ବିଭାଗର ମୁଖ୍ୟ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ ଓ ସାଲେପୁର ଏସ୍‌ଡିପିଓ ନିମାଇଁ ଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ତପନ କୁମାର ଭୂୟାଁ, ତ୍ରିଲୋଚନ ଶତପଥୀ, ନବକିଶୋର କର ଓ ନନ୍ଦକିଶୋର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



“ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଶିଶୁ ଗୁରୁତର, ଉତ୍ତେଜନା

**ଚୌଦ୍ୱାର,୧୫।୧୨(ଡି.ଏନ୍.ଏ.):** ଟ୍ରାକ୍ଟର ଧକ୍କାରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ ନୁଆସାହିର ଧରିତ୍ରୀ ଭୂଷଣ ପ୍ରତିହାରୀଙ୍କ ଝିଅ ଆଦ୍ୟାଷା(୫) ଗୁରୁତର ହୋଇଛନ୍ତି। ରବିବାର ଆଦ୍ୟାଷା ଘର ସମ୍ମୁଖ ରାସ୍ତାରେ ସାଇକେଲରେ ବୁଲୁଥିବାବେଳେ ପଛରୁ ଏକ ବାଲିବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ପରେ ଆଦ୍ୟାଷା ଟ୍ରାକ୍ଟରର ପଛଚକା ତଳେ ସାଇକେଲ ସହିତ ଚାପି ହୋଇଯିବାରୁ ତାଙ୍କ ଡାହାଣ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହାକୁ କେନ୍ଦ୍ରକରି କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଠେଙ୍ଗା ମାଡ଼ରେ ଯୁବକ ଆହତ

**ଚୌଦ୍ୱାର,୧୫।୧୨(ଡି.ଏନ୍.ଏ.):** ଠେଙ୍ଗା ମାଡରେ ଚୌଦ୍ୱାର ପୌରପାଳିକା ୭ନଂ. ୱାର୍ଡ ଅନ୍ତର୍ଗତ ଦୁର୍ଗାବଜାରର ସରୋଜ କୁମାର ବାଦ୍ରା ନାମକ ଯୁବକ ଆହତ ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ଚୌଦ୍ୱାର ପୌରପାଳିକା ୨ ନଂ. ୱାର୍ଡ଼ ଅନ୍ତର୍ଗତ ସୁଲତାନ୍ ନଗରର ସୋନୁ, ସରିଫ ଏବଂ ତାଙ୍କ ସାଙ୍ଗମାନେ ସରୋଜଙ୍କ ଭାଇଙ୍କ ସହିତ ଗଣ୍ଡଗୋଳ କରୁଥିଲେ। ଏହ ଦେଖି ସରୋଜ ଭାଇଙ୍କୁ ସେମାନଙ୍କ କବଳରୁ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅପରପକ୍ଷର ଜଣେ ଯୁବକ ଏକ ଠେଙ୍ଗାରେ ସରୋଜଙ୍କ ମୁଣ୍ଡକୁ ପିଟି ଫଟାଇ ଦେଇଥିଲେ। ଫଳରେ ସେ ଜୀବନ ବଞ୍ଚାଇବା ପାଇଁ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ଚୌଦ୍ୱାର ପୋଲିସ ଏକ ମାମଲା(ନଂ. ୫୧୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଚୋରି: ମହିଳା ଗିରଫ

**କଟକ ଅଫିସ,୧୫।୧୨:** ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ରବିବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ତର୍ଗତ ହରିଜନ ସାହିର ଲକ୍ଷ୍ମୀ ନାଏକ(୨୨)। ଏହି ଘଟଣାରେ ସମ୍ପୃକ୍ତ ତାଙ୍କ ସ୍ୱାମୀ ସମୀର ନାଏକ(୩୦) ଫେରାର ହୋଇଯାଇଛନ୍ତି। ଉଭୟ ସ୍ତ୍ରୀ ଓ ସ୍ୱାମୀ ପ୍ରଫେସରପଡ଼ାସ୍ଥିତ ସନାତନ ସାହୁଙ୍କ ଘରେ କିଛି ମାସ ହେବ ଭଡାରେ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ପୁଅର ସତ୍ୟନାରାୟଣ ପୂଜା ପାଇଁ ସନାତନ ପରିବାର ଲୋକଙ୍କ ସହିତ ଗତ ୯ ତାରିଖରେ ନିଜ ଗାଁ କେନ୍ଦୁପାଲି ଯାଇଥିଲେ। ସେଠାରେ ଦୁଇଦିନ ରହିବା ପରେ ୧୧ତାରିଖରେ ସେ ପ୍ରଫେସରପଡା ସ୍ଥିତ ଘରକୁ ଫେରିଥିଲେ। ହେଲେ ତାଙ୍କ ଘରର ତାଲା ଭଙ୍ଗାଯିବା ସହ ଆଲମିରାରେ ଥିବା ୧ ଲକ୍ଷ ଟଙ୍କା, ଦୁଇଟି ସୁନା କାନଫୁଲ, ୪ଟି ମୁଦି, ୨ଟି ସୁନାହାର ଓ ରୁପା ପାଉଁଜି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସନାତନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୮/୧୯) ରୁଜୁ କରିଥିଲା। ତଦନ୍ତ ବେଳେ ସନାତନଙ୍କ ଘରେ ଭଡାରେ ରହୁଥିବା ଦମ୍ପତି ଏହି ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଦମ୍ପତି ରହୁଥିବା ଘରେ ପୋଲିସ ଚଢ଼ାଉ କରି ଲକ୍ଷ୍ମୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୪୪ ହଜାର ଟଙ୍କା ଓ ଗୋଟିଏ ସୁନା କାନଫୁଲ ଜବତ କରିଥିଲା।

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୧୫।୧୨:** କଟକ ଜିଲା ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ନିରନ୍ତର ବିକାଶ ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଅଶୋକ ଦାସ ଯୋଗଦେଇ ବିଶ୍ୱବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଅଜୟ କୁମାର ସିଂ, ରଜିତା କୁଲକର୍ଣ୍ଣୀ, ଡ. ସରୋଜ ନାୟକ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବୈଜ୍ଞାନିକ ଡ. ସୀତାକାନ୍ତ ଦାଶଙ୍କୁ 'ଓଡ଼ିଶା ନିରନ୍ତର ବିକାଶ ପ୍ରୋତ୍ସାହନ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ■ ୨ କାରଖାନା ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ

# ପ୍ରତିଶ୍ରୁତି ଉଲ୍ଲଂଘନ ବିରୋଧରେ ରାସ୍ତାରୋକୋ

**ଖୁଣ୍ଟୁଣୀ,୧୫।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଦୁଇ କାରଖାନା ପ୍ରଦୂଷଣ କରୁଥିବାରୁ ଏହା ବିରୋଧରେ ୧୦ଦଫା ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ସ୍ୱର ଉତ୍ତୋଳନ କରିଛନ୍ତି। ଶତାଧିକ ଗ୍ରାମବାସୀ ରବିବାର ନୂଆଶାସନ ଛକରେ ରାସ୍ତା ଅବରୋଧ କରି ବସି ରହିବା ଯୋଗୁ କଖଡ଼ି ଓ ଘଣ୍ଟିଖାଲଠାରେ କାରଖାନାକୁ ଆସିଥିବା ଭାରିଯାନଗୁଡ଼ିକ ଅଟକି ରହିଥିଲା। ୧୦ଘଣ୍ଟା ପର୍ଯ୍ୟନ୍ତ ଗ୍ରାମବାସୀ ରାସ୍ତାରେ ବସିରହିବାରୁ ଯାତାୟାତରେ ସାଧାରଣଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଆଠଗଡ଼ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଖୁଣ୍ଟୁଣୀ ଥାନାଧିକାରୀ ସଚିତ୍ର ବିର୍ଯ୍ୟ ଦାସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତଥାପି ସେମାନେ ନ ଶୁଣିବାରୁ ସୋମବାର ଏ ନେଇ ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୁ ହଟିଥିଲେ।

ସୂଚନା ମୁତାବକ, ଏହି ଦୁଇ କାରଖାନା ପକ୍ଷରୁ ଜନଶୁଣାଣିବେଳେ ଗ୍ରାମରେ ପ୍ରଦୂଷିତ ହେବ ନାହିଁ, ଆଞ୍ଚଳିକ ନିଯୁକ୍ତି, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା, ଗମନାଗମନକୁ ପ୍ରାଧାନ୍ୟ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କାରଖାନା କର୍ତ୍ତୃପକ୍ଷ ନିଜ କମ୍ପାନୀକୁ କଞ୍ଚାମାଲ ଯୋଗାଣ ପାଇଁ ତାଳଚେର ଓ ସୁକିନ୍ଦା ଅଞ୍ଚଳରୁ କ୍ରୋମ ଓ କୋଇଲା ନେଇ ପ୍ରତ୍ୟହ ୩ଶହରୁ ୪ଶହ ଟ୍ରକ ଗ୍ରାମ୍ୟ ରାସ୍ତା ଉପରେ ଯାତାୟାତ କରୁଥିବାରୁ ରାସ୍ତାଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ହୋଇଯାଇଛି। ମରାମତି ନ ହେବା ଯୋଗୁ ୩ମାସ ତଳେ ଜଣେ ବାଇକ୍ ଆରୋହୀ ଟ୍ରକ ଚକା ତଳେ ପଡ଼ି ଜୀବନ ହାରିଥିଲେ। ଏହାସହ ଅନେକ ଛୋଟବଡ଼ ଦୁର୍ଘଟଣା ଦୈନନ୍ଦିନ ଘଟୁଥିଲେ ମଧ କାରଖାନା କିମ୍ବା ପ୍ରଶାସନ କେହି ବି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବାବେଳେ ବେକାର ନିଯୁକ୍ତି ମଧ ଏକ ପ୍ରହସନ ପାଲଟିଯାଇଛି। ଏହାବ୍ୟତୀତ କାରଖାନାଦ୍ୱୟ ପ୍ରଦୂଷଣ ନିୟନ୍ତ୍ରଣ ମେଶିନ ଲଗାଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ସେମାନେ ଗତ ନଭେମ୍ବର ୧୮ତାରିଖରେ କଟକ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପ୍ରତି ୧୫ତାରିଖ ମଧ୍ୟରେ କାର୍ଯ୍ୟକାରୀ ନ କଲେ ଆମରଣ ଅନଶନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ରାସ୍ତାରୋକୋ ଯୋଗୁ ଅଟକି ରହିଥିବା ଟ୍ରକ।

## ଏଟିବିଏନ ଓକିଲ ସଂଘରେ ବିବାଦ

# ୨ ସ୍ଥାନରେ ରୌପ୍ୟ ଜୟନ୍ତୀ ପାଳିତ

**କଟକ ଅଫିସ/ଆଠଗଡ(ସ୍ୱ.ପ୍ର.), ୧୫।୧୨**

ଆଠଗଡ଼, ଟିଗିରିଆ, ବଡ଼ମ୍ବା, ନରସିଂହପୁର(ଏଟିବିଏନ୍) ଓକିଲ ସଂଘରେ ଲାଗି ରହିଛି ବିବାଦ। ଆଠଗଡ଼ ସବ୍‌ଡିଭିଜନ ଅଧୀନରେ ଥିବା ଏହି ୪ଟି ଅଞ୍ଚଳର ଓକିଲଙ୍କୁ ନେଇ ଏଟିବିଏନ୍ ଓକିଲ ସଂଘ ଗଠିତ। ଚଳିତବର୍ଷ ସଂଘ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ରବିବାର କଟକ ଓ ଆଠଗଡ଼ ଦୁଇଟି ସ୍ଥାନରେ ଏହି ଉତ୍ସବ ପାଳିତ ହୋଇଛି। ତେବେ ପୂର୍ବରୁ ଆଠଗଡ଼ରେ ରୌପ୍ୟ ଜୟନ୍ତୀ ପାଳନ କରିଥିବା ସଂଘ ବିପକ୍ଷରେ କଟକରେ ଥିବା ସଂଘ କଟକ ସିଭିଲ୍ ଜଜ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଛି। ଏହାପରେ ମଧ ରବିବାର ଦୁଇଟି ସମାନ୍ତରାଳ ରୌପ୍ୟ ଜୟନ୍ତୀ ଉତ୍ସବ ଦେଖିବାକୁ ମିଳିଛି। କଟକ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଭ୍ୟ ବନୋଜ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ସଂଘ ସଭାପତି ସତ୍ୟବାଦୀ ମନ୍ତ୍ରୀ, ଉପସଭାପତି ସଦୟଲକ୍ଷ୍ମୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ମିଶ୍ର, ଆଠଗଡ଼ ବାର୍‌ର ସଭାପତି ପ୍ରସନ୍ନ କୁମାର ରାଉତ, ଟିଗିରିଆ ବାର୍‌ର ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, ବଡ଼ମ୍ବା ବାର୍‌ର ସଭାପତି କୈଳାସ ଜେନା ମଞ୍ଚାସୀନ ଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶଙ୍କ ୫୦ ବର୍ଷର ଓକିଲାତି ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ଆଇନଜୀବୀମାନଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ସତ୍ୟବାଦୀ ମନ୍ତ୍ରୀ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ମିଶ୍ର ଓ ଉପଦେଷ୍ଟା କମିଟିରେ ମୁଖ୍ୟ ବନୋଜ କୁମାର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ ଆଠଗଡ଼ ଅଶୋକ ନଗରଠାରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ଉତ୍ସବରେ ସମାନ୍ତରାଳ ସଂଘର ସଭାପତି ଫଣିଭୂଷଣ ରଥ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ଶଶିଭୂଷଣ ରଥ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଚାପ୍ଟର ସଭାପତି ଶରତ କୁମାର ପଣ୍ଡା, ଅଦ୍ୱୈତ ଚରଣ ପଣ୍ଡା, ହରିହର ବଳବନ୍ତରାୟ ଓ ବିଷ୍ଣୁ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ନଗେନ୍ଦ୍ର ରଥ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଧିବକ୍ତା ଫଣିଭୂଷଣ ରଥଙ୍କୁ ଏଟିବିଏନ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।





ରୌପ୍ୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଆନ୍ତଃ ଗ୍ରାମ୍ୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କଟକ ସଦର,୧୫।୧୨(ଡି.ଏନ.ଏ.)**

ଆନ୍ତଃ ଗ୍ରାମ୍ୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ୧୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର କୋଟୁଆଁ ଗ୍ରାମ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ରମର ଦୌଡ଼, ଡିସ୍‌କସ ଥ୍ରୋ, ଜାଭେଲିଂ ଥ୍ରୋ ଆଦି ପ୍ରତିଯୋଗିତା ହୋଇଯାଇଥିବାବେଳେ ରବିବାର ବାକି ଥିବା ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଫକୀରପଡ଼ା–କୋଟୁଆଁ ଗ୍ରାମ ମଧ ଦେଇ ବୃନ୍ଦାବନ ରାଉତରାୟଙ୍କ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ବିଭାଗରେ ଲିଜା ସାମଲ ଓ ପୁରୁଷ ବିଭାଗରେ ଭୀମସେନ ଜଙ୍ଗନ ପ୍ରଥମସ୍ଥାନ ଅଧିକାର କରିଥିଲେ। ସଂସଦର ସଭାପତି ଲକ୍ଷ୍ମଣ ସାହୁଙ୍କ ପୌରହିତ୍ୟରେ ଶେଷରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଭକ୍ତବତ୍ସଳ ଦାସ, ସମ୍ମାନିତ ଅତିଥି ଭାବେ ଯଶପଡ଼ା ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଣବ ରାଉତରାୟ ଯୋଗଦେଇ ସମସ୍ତ ଖେଳରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭା ପ୍ରଥମରୁ ଯୋଗଗୁରୁ ରବୀନ୍ଦ୍ରନାଥ ଭୋଇ ସ୍ୱାଗତ ଭାଷଣ ଦେଇଥିବାବେଳେ ସମୀର ଖୁଣ୍ଟିଆ ବିବରଣୀ ପାଠ କରିଥିଲେ। ବିଜୟ କୁମାର ରାଉତ, ଦୁର୍ଗାଚରଣ ପ୍ରଧାନ, ତାପସ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଆବାସିକ ଉନ୍ନୟନ ସଂଘର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୧୫।୧୨**

ସିଡିଏ ସେକ୍ଟର–୭ସ୍ଥିତ ପୂଜା ମଣ୍ଡପଠାରେ ଆବସିକ ଉନ୍ନୟନ ସଂଘର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରମାନନ୍ଦ ସ୍ୱାଇଁ ଅଧକ୍ଷତା କରିଥିଲେ। ଏହି ସଭାରେ ଦୁଇବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ସଞ୍ଜୟ କୁମାର ସେନାପତି, ଉପ ସଭାପତି ବିଜ୍ଞାନ ମହାପାତ୍ର, ସମ୍ପାଦକ ସଞ୍ଜୟ କୁମାର ରାଉତ, ସହ ସମ୍ପାଦକ ଦୀପକ କୁମାର ପାଲ ଓ କୋଷାଧକ୍ଷ ଭାବେ ସନ୍ତୋଷ କୁମାର ମହାପାତ୍ର ନିର୍ବାଚିତ ହୋଇଥିଲେ। ରାମଚନ୍ଦ୍ର ରାୟ ଶାରଦୀୟ ପୂଜାର ଆୟବ୍ୟୟ ଉପସ୍ଥାପନ କରିଥିଲେ।

# ଆଧାତ୍ମିକ ମାର୍ଗରେ ଗଲେ ଜୀବନ ଶୃଙ୍ଖଳିତ ହୋଇଥାଏ

**କଟକ ଅଫିସ, ୧୫।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମଠାରେ ରବିବାର ରେଭେନ୍‌ଶା ପ୍ରାତଃମହାବିଦ୍ୟାଳୟ ୧୯୯୪ ବ୍ୟାଚ ଓଲ୍ଡ ଷ୍ଟୁଡେଣ୍ଟସ ଆସୋସିଏଶନ ପକ୍ଷରୁ ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ୱାମୀ ପ୍ରଜ୍ଞାନନ୍ଦ ପରମହଂସ ଯୋଗଦେଇ କହିଥିଲେ, ଆଧାତ୍ମିକ ମାର୍ଗରେ ଜୀବନଯାପନ କଲେ ଜୀବନ ଶୃଙ୍ଖଳିତ ହୋଇଥାଏ। ମୁଖ୍ୟବକ୍ତା ପ୍ରଫୁଲ୍ଲ ମହାନ୍ତି କହିଥିଲେ, ନିଷ୍ଠା ଓ ସତ୍‌ମାର୍ଗରେ କାର୍ଯ୍ୟ କଲେ ନିଶ୍ଚିତ ସଫଳତା ମିଳିଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଆଶୋକ କୁମାର ଦାସ, ବରିଷ୍ଠ ଅଧିକାରୀ ପଦନ କୁମାର ଜେନା, ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରଦକ୍ଷିଣା ଓଡ଼ିଶୀ ନୃତ୍ୟ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରତାପ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା ଓ ବିଧୁ ଭୂଷଣ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରତିଭା ସମ୍ମାନ ସମାରୋହ

**କଣ୍ଟାପଡା, ୧୫।୧୨(ଡି.ଏନ୍.ଏ.)**

କଣ୍ଟାପଡା ଗଡନାଥ ମହାଦେବଙ୍କ ପୀଠରେ ପୁଣ୍ୟଉତ୍କଳ ଜୟଦେବ ଶାଖାର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟଉତ୍କଳ ଜୟଦେବ ଶାଖାର ସଭାପତି ଚିନ୍ମୟ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୁଣ୍ୟଉତ୍କଳ ରାଜ୍ୟ ସଭାପତି ମନୋରଞ୍ଜନ ମହାପାତ୍ର, ଦଧିଚି ଶିକ୍ଷାସମୂହର ସଭାପତି ଡ. ମନୋଜ କୁମାର ଦାଶ, ଗୀତିକାର ବୃନ୍ଦାବନ ଜେନା, ସଙ୍ଗୀତ ନିର୍ଦ୍ଦେଶକ କେ. ଆଦାନୀ, ଗାଳ୍ପିକ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସାହିତ୍ୟକୁ ବଞ୍ଚାଇବାରେ କବି, ଲେଖକଙ୍କ ଭୂମିକା ଅତୁଳନୀୟ

**କଟକ ଅଫିସ, ୧୫।୧୨**

ଓଡ଼ିଶା ପ୍ରତିଭା ପୂଜା ସଂସଦର ୧୯ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ କହିଥିଲେ, ରାଜ୍ୟର ଭାଷା ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ କବି, ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ଲେନିନ ମହାନ୍ତି, ସମ୍ମାନିତ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାଶ, ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ, ଦେବସ୍ମାନ ଦାସ, 'ୱାର୍ଲଡ ୱାଚ'ର ମୁଖ୍ୟ ସମ୍ପାଦକ ଉମାଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥିବା ରାଜ୍ୟସ୍ତରୀୟ କବିତା ସଙ୍କଳନ 'କବି ଓ କବିତା'ର ୧୫ଶ ଭାଗ ଏବଂ 'କଥା କଥାକାର'ର ୧୪ଶ ଭାଗ ସମେତ ବହୁ କବି ଓ ଗାଳ୍ପିକଙ୍କର ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସହର ଯୋଜନାର ପୂର୍ବତନ ନିର୍ଦ୍ଦେଶକ ମୀନକେତନ ଦାସ ଓ ମୁଖ୍ୟବକ୍ତା ଭାବେ ବଲ୍ଲଭ ରାଉତ ଯୋଗଦେଇଥିଲେ।

# ଗଳ୍ପ ହିଁ ସମାଜର ଦର୍ପଣ

**କଟକ ଅଫିସ, ୧୫।୧୨**

ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ୬୦ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନ ରବିବାର ଶ୍ରୀରାମଚନ୍ଦ୍ର ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସାହିତ୍ୟିକ ଦେବସ୍ମାନ ମହାରଣା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟ ସମାଲୋଚକ ଡ. ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କହିଥିଲେ, ଗଳ୍ପ ହିଁ ସମାଜର ଦର୍ପଣ। ଏହି ଉତ୍ସବରେ ୧୨ଟି ଗଳ୍ପ ପାଠ କରାଯାଥିଲା। ଡ. ଦୀନବନ୍ଧୁ ମହାରଣା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୈତ୍ରୀ ଭୂଷଣ ଖୁଣ୍ଟିଆ, ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଦାମୋଦର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଦତ୍ତୋପନ୍ତ ଥିଲେ ସବୁ ବର୍ଗର ଶ୍ରମିକଙ୍କ ପାଇଁ ଆଦର୍ଶ

**କଟକ ଅଫିସ, ୧୫।୧୨**

ଦତ୍ତୋପନ୍ତ ଠେଙ୍ଗଡୀ ସବୁବର୍ଗର ଶ୍ରମିକଙ୍କ ପାଇଁ ଆଦର୍ଶ ଥିଲେ। ବର୍ତ୍ତମାନ ସମୟରେ ଶ୍ରମିକମାନଙ୍କର ସମସ୍ୟା ଦେଖାଦେଇଥିଲାବେଳେ ତାଙ୍କ ଭଳି ନେତା ଏବଂ ନେତୃତ୍ୱର ପ୍ରାସଙ୍ଗିକତା ରହିଛି ବୋଲି ରବିବାର ଶତାବ୍ଦୀ ଭବନଠାରେ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଆଇନଜୀବୀ ଅନୁପ କୁମାର ବୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଂଘର କଟକ ଜିଲା ସଭାପତି ଗୌରାଙ୍ଗ ଚରଣ ରଥ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ରାଜ୍ୟ ଅସଙ୍ଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ହରିହାଟ ମହୋତ୍ସବ

**କଣ୍ଟାପଡା, ୧୫।୧୨(ଡି.ଏନ୍.ଏ.)**

କଣ୍ଟାପଡା ଗ୍ରାମରେ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ହରିହାଟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାଲକ୍ଷ୍ମୀ ପୂଜାମଣ୍ଡପରେ ୬୪ ଅଧାୟ ଭାଗବତ ପଠନ ଓ ବିଭିନ୍ନ ଗ୍ରାମରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ହରିନାମ ପରିବେଷଣ କରାଯାଇଥିଲା।



କଟକ ସଦର ବ୍ଲକ ଅଞ୍ଚଳର ଏକ ମଣ୍ଡପରେ ରବିବାର ଅନୁଷ୍ଠିତ ବେଣ୍ଟକାର ହାଇସ୍କୁଲର ୧୯୮୯ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ।

# କୃଷିର ଉନ୍ନତି ପାଇଁ ଗୋମାତାଙ୍କ ବିକାଶ ଜରୁରୀ

**ନିଶ୍ଚିନ୍ତକୋଇଲି,୧୫।୧୨ (ସ୍ୱ.ପ୍ର.)**

ଗୋମାତା ଧରିତ୍ରୀ ମାତାପରି ସର୍ବ ପୂଜ୍ୟ। ଯେଉଁ ବ୍ୟକ୍ତି ବିଶେଷ ଗୋମାତାକୁ ପଶୁ ଭାବେ ବିବେଚନା କରନ୍ତି, ସେମାନେ ସ୍ୱୟଂ ପଶୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର ଗୋରକ୍ଷଣୀର ପ୍ଲାଟିନମ୍ ଜୁବୁଲି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର କୃଷି, ଶିକ୍ଷା ଓ ଜଳ ସେଚନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ଜାନୁୟାରୀ ୨୬ ମଧ୍ୟରେ ଦେଶର ସବୁ ପ୍ରାନ୍ତରେ ପ୍ରାକୃତିକ,ବୈଦିକ ଓ ଜୈବିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହି ପଦ୍ଧତିରେ ଚାଷ କାର୍ଯ୍ୟ କରାଗଲେ ଗୋମାତାଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ। ଗୋମାତାଙ୍କ ମଳ, ମୂତ୍ର ଜୈବିକ ଓ ବୈଦିକ ଚାଷ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ କୃଷିର ଉନ୍ନତି ପାଇଁ ଗୋମାତାଙ୍କ ବିକାଶ ଜରୁରୀ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଏଣିକି ରାସାୟନିକ ସାରର ପ୍ରୟୋଗ ଉପରେ ଗୁରୁତ୍ୱ ନଦେଇ ଚାଷୀମାନେ ଜୈବିକ ସାର ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ନିବେଦନ କରିଥିଲେ। ଗୋ ମଙ୍ଗଳ ସମିତି ସଭାପତି ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଗୋରକ୍ଷଣୀ ପ୍ଲାଟିନମ ଜୁବୁଲିର ଏହି ଉଦ୍‌ଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତାଭାବେ ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ଓ ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ଗୋ ସେବା, ଗୋରକ୍ଷା ଉପରେ ବିସ୍ତୃତ ଟିପ୍ପଣୀ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସୁରଭି ଯଜ୍ଞ, ଗୋ ଚିକିତ୍ସା କର୍ମଶାଳା, ଗୋ ପ୍ରଦର୍ଶନୀ, ଗୋ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମିତିର ମୁଖପତ୍ର ଦ୍ୱୟ ଯଥା 'ଧାତ୍ରୀ ଓ ଧାତ୍ରୀ କବିତା' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।





ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# 'ସୁଖ, ଶାନ୍ତିର ମାର୍ଗ ସତ୍‌ସଙ୍ଗ'

## ସ୍ୱସ୍ତିତପା ମହୋତ୍ସବ

**କଣ୍ଟାପଡା, ୧୫।୧୨(ଡି.ଏନ୍.ଏ.)**

ନିଆଳି ନିର୍ବାଚନ ମଣ୍ଡଳୀର ୭ଟି ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଗୋବିନ୍ଦପୁର କେନ୍ଦ୍ରଠାରେ ସ୍ୱସ୍ତିତପା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସହ ପ୍ରତିଋତ୍ୱିକ ଗିରିଧାରୀ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ବିଜୟ କୁମାର ସ୍ୱାଇଁ କହିଥିଲେ, ସାମ୍ପ୍ରତିକ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ପାଇବାକୁ ହେଲେ ସତ୍‌ସଙ୍ଗ ହିଁ ଏକମାତ୍ର ମାର୍ଗ। ଅନ୍ୟତମ ଅତିଥିଭାବେ ସହ ପ୍ରତି ଋତ୍ୱିକ ଅଭୟ କୁମାର ପରିଜା ଯୋଗ ଦେଇଥିବାବେଳେ ଆର୍ତ୍ତବନ୍ଧୁ ପାତ୍ର ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନ ଦର୍ଶନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅପରାହ୍ନରେ ସ୍ୱର୍ଣ୍ଣବାଳା ଦାଶଙ୍କ ଅଧକ୍ଷତାରେ ଆୟୋଜିତ ମାତୃ ସମ୍ମିଳନୀରେ ମହିଳାମାନେ ଯୋଗଦେଇ ସତ୍‌ସଙ୍ଗୀ ହେବାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କ ଦୀକ୍ଷା ଗ୍ରହଣ କରିଥିଲେ। ସକାଳେ ଗୋବିନ୍ଦପୁର ଅଞ୍ଚଳରେ ନଗରକୀର୍ତ୍ତନ କରାଯିବା ସହ ଉପେନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାଧାନରେ ସଙ୍ଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଏଥିସହ ସନ୍ଧ୍ୟାରେ ନୁପୂର ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିନୋଦ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।

- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୋଡ଼ି ହୋଇ ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

**ଯାଁଳା,୧୫।୧୨(ଡି.ଏନ.ଏ.):** ଯାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ମଝି ସାହିରେ ଜଣେ ବୃଦ୍ଧା ରବିବାର ପୂର୍ବାହ୍ନରେ ପୋଡି ହୋଇ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ନାମ ନୟନା ପରିଡ଼ା(୭୦)। ଘରର ପାଇଖାନା ମଧରେ ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିବା ବୃଦ୍ଧାଙ୍କ ମୃତଦେହ ପଡିଥିଲା। ମୃତଦେହ ପଡିଥିବା ସ୍ଥାନରେ କିରୋସିନ ବାସ୍ନା ହେଉଥିଲା। ଏଣୁ ବୃଦ୍ଧା ଜଣକ ନିଜେ କିରୋସିନ ଢାଳି ପୋଡି ହୋଇଛନ୍ତି ନା ପଛରେ ଅନ୍ୟ କିଛି କାରଣ ରହିଛି ପୋଲିସ ତଦନ୍ତ କରୁଛି। ଏ ନେଇ ନଂ. ୬୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇ ଦେଇଥିଲା।

### ଭାରତ ବିଦ୍ୟା ଶିରୋମଣି ସମ୍ମାନ




**ନିରାକାରପୁର,୧୫।୧୨(ଡି.ଏନ.ଏ.):** ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଖୋର୍ଦ୍ଧା ଜିଲା ଡିଆ ଗାଁରେ ଡ. ସଞ୍ଜୟ କୁମାର ମହାପାତ୍ର ଇଣ୍ଡିଆନ୍ ସଲିଡାରିଟି କାଉନସିଲ ପକ୍ଷରୁ ମହାପାତ୍ରଙ୍କୁ ଭାରତ ବିଦ୍ୟା ଶିରୋମଣି ସମ୍ମାନ ସହ ସ୍ୱର୍ଣ୍ଣ ପଦକରେ ସମ୍ମାନିତ ହୋଇଛନ୍ତି। ଅଦ୍ୟାବଧି ଭାରତୀୟ ସଂସ୍କୃତି, ଇତିହାସ ଓ ସ୍ଥାପିତ୍ୟ ସମ୍ବନ୍ଧୀୟ ତାଙ୍କର ୮ ଖଣ୍ଡ ପୁସ୍ତକ ବିଶ୍ୱରେ ୧୩୬ ଗ୍ରନ୍ଥାଗାରରେ ସ୍ଥାନୀତ ହୋଇଛି। ସେ ଜଣେ ଇଣ୍ଟରନ୍ୟାଶନାଲ ଖ୍ୟାତି ସମ୍ପନ୍ନ ଲେଖକ ଭାବେ ସୁନାମ ଅର୍ଜନ କରିଛନ୍ତି।

### ସେବାୟତ ମାର୍ଫତଦାର ସଂଘର ବୈଠକ

**ଖୋର୍ଦ୍ଧା ଅଫିସ,୧୫।୧୨:** ସେବାୟତ ମାର୍ଫତଦାର ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବଡମ୍ବାର ବୈକୁଣ୍ଠ ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା, ବଡମ୍ବା, ବାଙ୍କୀ, ଆଠଗଡ, ତିଗିରିଆ, ଅନୁଗୋଳ, ଢେଙ୍କାନାଳ, କୋଣାର୍କ, ପୁରୀ, ଅତ୍ରୀ, ଚଣ୍ଡେଶ୍ୱର, ଗୁରୁଜଙ୍ଗ, ମୁକ୍ତାପୁର ଅଞ୍ଚଳର ସଭ୍ୟମାନେ ଯୋଗ ଦେଇଥିଲେ। ଏଥିରେ ସେବାୟତମାନଙ୍କର ବିଭିନ୍ନ ସମସ୍ୟା ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ଚଳିତ ମାସ ୨୨ ତାରିଖରେ ବଡଚଣାଠାରେ ଅନୁଷ୍ଠିତ ସଭାରେ ସ୍ଥିରୀକୃତ କରାଯାଇ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ଦିଆଯିବ। ତ୍ରିଲୋଚନ ମହାପାତ୍ର, ଗୁଣନିଧି ମହାପାତ୍ରଙ୍କ ଆବାହକତ୍ୱରେ ଏହି ସଭା ହୋଇଥିଲା।

### କୁକୁର କାମୁଡା ଇଞ୍ଜେକଶନ ମିଳୁନି ରୋଗୀ ଫେରିଲେ

**ଖୋର୍ଦ୍ଧା ଅଫିସ,୧୫।୧୨:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କୁକୁର କାମୁଡା ଇଞ୍ଜେକଶନ ମିଳୁନି। କୁକୁର କାମୁଡା ଇଞ୍ଜେକଶନ ମହଜୁଦ୍ ନାହିଁ ବୋଲି ଚିକିତ୍ସାଳୟ ପକ୍ଷରୁ ନୋଟିସ୍ ମରାଯାଇଛି। ଏହାପରେ ରୋଗୀ ଅପେକ୍ଷା କରି ଫେରିଥିଲେ। ବାହାର ଦୋକାନରେ ମଧ କୁକୁର କାମୁଡା ଇଞ୍ଜେକଶନ ମିଳି ନ ଥିଲା। କୁକୁର କାମୁଡା ଇଞ୍ଜେକଶନ ନ ମିଳିବା ପରେ ରୋଗୀ ଭୟଭୀତ ହୋଇ ପଡିଛନ୍ତି।

### ଐତିହ୍ୟ ପଦଯାତ୍ରା: ନୃତ୍ୟଶିଳ୍ପୀ ଭଙ୍ଗୀରେ ପର୍ଯ୍ୟଟକ

**ଭୁବନେଶ୍ୱର (ବ୍ୟୁରୋ) ୧୫।୧୨:** ରବିବାର ଏକାମ୍ରକ୍ଷେତ୍ରରେ ୧୫୦ତମ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ମନ୍ଦିରରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ପର୍ଯ୍ୟଟକଙ୍କ ମଧରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମନ୍ଦିର ଓ ଐତିହ୍ୟଗୁଡିକରେ ରହିଥିବା ନୃତ୍ୟଶିଳ୍ପୀଙ୍କ ଭଙ୍ଗୀରେ ରହିଥିଲେ ପର୍ଯ୍ୟଟକ। ଏହାକୁ ନେଇ ପର୍ଯ୍ୟଟକମାନେ ବେଶ୍ ଉତ୍ସାହିତ ହୋଇପଡିଥିଲେ। ପଦଯାତ୍ରା ଆଗକୁ ବଢିବା ସହିତ ମନ୍ଦିରର କାରୁକାର୍ଯ୍ୟ ଓ ଇତିହାସ ଜାଣିଥିଲେ ପର୍ଯ୍ୟଟକ। ଏହି ଐତିହ୍ୟ ପଦଯାତ୍ରାରେ ୪୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ସାମିଲ ହୋଇଥିଲାବେଳେ କେତେଜଣ ନୂଆ ସାମିଲ୍ ହୋଇ ନୂଆ ଅନୁଭବ ସାଉଣ୍ଟିଥିଲେ। ଓଡ଼ିଶୀ ନୃତ୍ୟପରେ ପଦଯାତ୍ରା ସରିଥିଲା।

## ଜାତୀୟ ସଂହତି ଶିବିର ଉଦ୍‌ଯାପିତ

# ସବୁ ଜିଲା ବିଷୟରେ ଅବଗତ ହେଲେ ଶିବିରାର୍ଥୀ




ଶିବିରରେ ଭଦ୍ରକରୁ ଆସିଥିବା ସ୍କାଉଟ୍ସଓ ଗାଇଡ୍ସମାନେ ବିଭିନ୍ନ ପୋଷାକ ପିନ୍ଧିଛନ୍ତି।

**ଖୋର୍ଦ୍ଧା ଅଫିସ,୧୫।୧୨**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂସ୍ଥା ଆନୁକୂଲ୍ୟରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ୧୨ ତାରିଖରୁ ଚାଲିଥିବା ଜାତୀୟ ସଂହତି ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତା ମାଧମରେ ସବୁ ଜିଲା ବିଷୟରେ ଶିବିରାର୍ଥୀମାନେ ଅବଗତ ହୋଇଥିଲେ।

ପ୍ରଭାତରୁ ସ୍କାଉଟ୍ସ ଓ ଗାଇଡ୍ସମାନେ ନିଜର ନିତ୍ୟକର୍ମ ସାରି ସ୍ୱଚ୍ଛତା ଅଭିଯାନ ଅନୁଯାୟୀ ସମଗ୍ର ଶିବିର ସ୍ଥଳରେ ସଫେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପାରମ୍ପରିକ ପତାକା ଉତ୍ସବ ପରେ ସଙ୍ଗୀତର ତାଳେ ତାଳେ ସ୍କାଉଟ୍ସ ଓ ଗାଇଡ୍ସମାନେ ରଙ୍ଗାରଙ୍ଗ ପୋଷାକ ପରିଧାନ କରି ନିଜ ନିଜର ଶାରୀରିକ କଳା ପ୍ରଦର୍ଶନ କରିଥିଲେ। ପରେ ଦଳଗତ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ମଧ ଅଂଶଗ୍ରହଣ କରି ନିଜର ପ୍ରତିଭା ପରିପ୍ରକାଶ କରିଥିଲେ। ପରବର୍ତ୍ତୀ ପ୍ରତିଯୋଗିତା 'ଫେସମାସ୍କ' ଥିଲା। ଏଥିରେ ବିଭିନ୍ନ ଜନନାୟକ, ଦେବଦେବୀମାନଙ୍କର ଅନୁରୂପ ଚିତ୍ରକୁ ରଙ୍ଗ ଓ ତୂଳୀ ମାଧମରେ ନିଜର ମୁଖମଣ୍ଡଳକୁ ଚିତ୍ରିତ କରିଥିଲେ। ମଧାହ୍ନଭୋଜନ ପରେ ଜିଲାର ସଂସ୍କୃତି, ଐତିହାସିକ ପଟ୍ଟଚିତ୍ର ତଥା ପୋଷାକ ପରିଚ୍ଛେଦ ଆଦିକୁ ନେଇ ଆରମ୍ଭ ହୋଇଥିଲା ଆଉ ଏକ ପ୍ରତିଯୋଗିତା। ଯେଉଁଥିରେ କି ନିଜ ଜିଲାର ବାସ୍ତବ ଚିତ୍ର ପରିସ୍ଫୁଟିତ ହେଉଥିଲା। ଯାହାକି ଜାତୀୟ ସଂହତି ଶିବିରର ଉଦ୍ଦେଶ୍ୟ। ଏହି ପ୍ରତିଯୋଗିତାରେ ଶିବିରାର୍ଥୀମାନେ ରାଜ୍ୟର ସବୁ ଜିଲା ବିଷୟରେ ଅବଗତ ହେବା ପାଇଁ ସୁଯୋଗ ଲାଭ କରିଥିଲେ। ଉଦ୍‌ଯାପନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ଶେଷ ଆକର୍ଷଣୀୟ ପ୍ରତିଯୋଗିତା ଥିଲା ସାଂସ୍କୃତିକ ମୂକାଭିନୟ। ଏଥିରେ ଜିଲାର ମୁଖ୍ୟ ପର୍ବପର୍ବାଣି ବା ଯାତ୍ରା ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପସଚିବ ଅଶୋକ କୁମାର ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସଭାପତି ମାକ୍ ମକ, ଜାତୀୟ ସମ୍ପାଦକ ସୀମା ରଥ ପ୍ରମୁଖ ଯୋଗ ଦେଇଥିଲେ। ସ୍କାଉଟ୍ସ ଓ ଗାଇଡ୍ସମାନେ ଚିତ୍ତାକର୍ଷକ ନୃତ୍ୟ ଅତିଥିମାନଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଜିଲା ଓ ସ୍କାଉଟ୍ସଗାଇଡ୍ସମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।



ଶିବିର ଉଦ୍‌ଯାପନୀ ଉତ୍ସବରେ ଶିବିରାର୍ଥୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

## ରାଜ୍ୟସ୍ତରୀୟ ମଦନପୁର କପ୍ ଫୁଟବଲ ଉଦ୍‌ଯାପିତ

# କିଶୋର କ୍ଲବ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ କିଶୋର କ୍ଲବର ଖେଳାଳି ଓ ଅତିଥିମାନେ।

**ଯାଁଳା,୧୫।୧୨(ଡି.ଏନ.ଏ.)**

ଭୁବନେଶ୍ୱର ଉପକଣ୍ଠ ମଦନପୁର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକ ସ୍ପୋର୍ଟସ୍ ହଷ୍ଟେଲକୁ ୩-୨ ଗୋଲରେ ପରାସ୍ତ କରି ଭୁବନେଶ୍ୱର କିଶୋର କ୍ଲବ ଚାମ୍ପିୟନ ହୋଇଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ଖେଳରେ ବିଜୟୀ କିଶୋର କ୍ଲବର ଶଶୀକାନ୍ତ ସାଣ୍ଡିଲ, ନାରଣ ମୁର୍ମୁ ଓ ପପୁ ମାଝି ଗୋଲ୍ କରିଥିଲେ। ରନର୍ସ ଅପ୍ ସ୍ପୋର୍ଟସ ହଷ୍ଟେଲର ଅମର ଖାଡ଼ିଆ ଓ ସୋମନାଥ ସେନାପତି ଗୋଟିଏ ଲେଖାଏ ଗୋଲ କରିଥିଲେ। କିଶୋର କ୍ଲବର ପପୁ ମାଝି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ସ୍ପୋର୍ଟସ୍ ହଷ୍ଟେଲର ଫ୍ରାନ୍‌ସିସ୍ ଲାକ୍ରା ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହାଛଡ଼ା ସ୍ପୋର୍ଟସ୍ ହଷ୍ଟେଲର କୋଚ୍ ଗଙ୍ଗାଧର ବେହେରା ଓ ଯୁବ ଖେଳାଳି ସୌମ୍ୟ ରଞ୍ଜନ ମହାରଣାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସୁଶାନ୍ତ ମିଶ୍ର ରେଫରି ରହିଥିବା ବେଳେ ରମେଶ ଚନ୍ଦ୍ର ପାଇକରାୟ ଓ ପ୍ରଦୀପ ନାୟକ ଆସିଷ୍ଟାଣ୍ଟ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ପଟ୍ଟନାୟକ, ସନ୍ତୋଷ ଜେନା, ନୃପେନ୍ଦ୍ର ଦାସ, କିଶୋରୀ ମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ୧୫ ହଜାର ଟଙ୍କା, ଟ୍ରଫି ଓ ରନର୍ସ ଅପ୍ ସ୍ପୋର୍ଟସ୍ ହଷ୍ଟେଲକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

# ଗୁରୁଜଙ୍ଗ କପ କ୍ରିକେଟ : ବାଙ୍କୀ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୧୫।୧୨**




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଗୁରୁଜଙ୍ଗ କ୍ରିକେଟ ପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ କ୍ରିକେଟ ଟୁର୍ନାମେଣ୍ଟରେ ରାଇଜିଂଷ୍ଟାର କୁମାରବସ୍ତକୁ ୧୯ ରନରେ ପରାସ୍ତ କରି ବାଙ୍କୀ ଆଥଲେଟିକ ଆସୋସିଏଶନ ଚାମ୍ପିୟନ ହୋଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ସାମାଜିକ କର୍ମୀ ଦିଲୀପ ହୋତା ପ୍ରମୁଖ ଯୋଗଦେଇ ବିଜେତା ଓ ଉପ-ବିଜେତା ପୁରସ୍କୃତ କରିଥିଲେ। ମ୍ୟାଚରେ ପ୍ରଥମେ ବାଙ୍କୀ ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ କୁମାରବସ୍ତ ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ କରିଥିଲା। ବାଙ୍କୀ ଦଳ ୧୯ ରନରେ ମ୍ୟାଚଟିକୁ ଜିତି ନେଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବାଙ୍କୀ ଦଳର ତପନ ନାୟକ, ମ୍ୟାନ ଅଫ ଦି ସିରିଜ ଭାବେ ସାଗର ବେହେରା, ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଭାବେ କୁମାରବସ୍ତ ଦଳର ଅନିଲ ମହାପାତ୍ର ଓ ଶ୍ରେଷ୍ଠ ବୋଲର ଗୁରୁଜଙ୍ଗ ଦଳର ଅସିତ ପରିଡାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚକୁ ପ୍ରଶାନ୍ତ ବେହେରା ଓ ପ୍ରକାଶ ପଟ୍ଟନାୟକ ଅମ୍ପାୟରିଂ କରିଥିବା ବେଳେ ଟୁର୍ନାମେଣ୍ଟର ମୁଖ୍ୟ ସଂଯୋଜକ ଅବ୍ୟକ୍ତ ହରିହର ଖାଡଙ୍ଗା ପରିଚାଳନା କରିଥିଲେ।

### ଜୁଆ ଆଡ୍ଡା ଉପରେ ଚଢାଉ, ୪ ଗିରଫ

**ବେଗୁନିଆ ,୧୫। ୧୨ (ଡି.ଏନ.ଏ.)**

ବେଗୁନିଆ ଥାନା ପୋଲିସ ଶନିବାର ରାତିରେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା। ଘଟଣାସ୍ଥଳରେ ଜୁଆ ଖେଳୁଥିବା ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୨ଶହ ଟଙ୍କା ଜବତ କରିଛି। ଥାନାରେ ନଂ. ୨୩୨/୧୯ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଧଳାପଥର ଗାଁର ବିଶ୍ୱନାଥ ସ୍ୱାଇଁ, ଧ୍ରୁବଚରଣ ସାହୁ, ଉମାଶଙ୍କର ମୂର୍ତ୍ତି ଏବଂ ଅନ୍ୟ ଜଣେ ହେଲେ ବାଙ୍କୀ ବ୍ଲକ ବୈଦେଶ୍ୱର କୋଠସାହିର ଯୋଗୀନାଥ ସାମନ୍ତରାୟ।

# ୧୦୪ ବର୍ଷର ରେଲୱେ ସ୍କୁଲ ରୋଜାର ବାର୍ଷିକ ଉତ୍ସବ



ରୋଜାର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଜଟଣୀ,୧୫।୧୨(ଡି.ଏନ.ଏ.):** ସ୍କୁଲ ଓ କଲେଜ ଭଳି ଶିକ୍ଷାନୁଷ୍ଠାନର ଛାତତଳେ ବିଦ୍ୟାର୍ଥୀଙ୍କ ଆତ୍ମିକ ବିକାଶ ହୋଇଥାଏ। ଶିକ୍ଷାର୍ଥୀ ଶିକ୍ଷକ ଓ ଅଭିଭାବକଙ୍କ ସମ୍ପର୍କକୁ ନେଇ ଶିକ୍ଷାର ଉତ୍ସ ସୃଷ୍ଟି ହୋଇଥାଏ ବୋଲି ଶିକ୍ଷାବିତ୍ ପ୍ରାଧାପକ ବିଶ୍ୱରଞ୍ଜନ କହିଛନ୍ତି। ଜଟଣୀରେ ଥିବା ଅନ୍ୟତମ ପୁରାତନ ତଥା ୧୦୪ ବର୍ଷର ରେଲୱେ ସ୍କୁଲ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନ(ରୋଜା)ର ରବିବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗଦେଇ ବିଶ୍ୱରଞ୍ଜନ ଏହା କହିଥିଲେ। ଶିକ୍ଷକତାକୁ ଜୀବିକା ଓ ବୃତ୍ତି ଭାବେ ନ ଭାବି ଏହାକୁ ଧର୍ମ ଓ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ କରିଥିଲେ। ରୋଜାର ସଭାପତି ଡା. ସଞ୍ଜୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଇଷ୍ଟକୋଷ୍ଟ ରେଲୱେର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ପି.ସି. ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏପରି ଏକ ପୁରାତନ ସ୍କୁଲର ଉନ୍ନତି ପାଇଁ ହୋଇଥିବା ଓ ହେବାକୁ ଯାଉଥିବା ବିଭିନ୍ନ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ସ୍କୁଲର ପୁରାତନ ଛାତ୍ର ତଥା ନୀତି ଆୟୋଗର ସଦସ୍ୟ ଓ ପୂର୍ବତନ ସୂଚନା କମିଶନ ଜଗଦାନନ୍ଦ ତାଙ୍କ ବକ୍ତବ୍ୟରେ ଗୁଣାତ୍ମକ ଶିକ୍ଷା ଉପରେ ବିସ୍ତୃତ ଭାବେ କହିଥିଲେ। ଶିକ୍ଷା ସହିତ ଅତିରିକ୍ତ ଦକ୍ଷତା ବିକାଶ ଭଳି କାର୍ଯ୍ୟକ୍ରମ ଏହି ବିଦ୍ୟାଳୟରେ ଆରମ୍ଭ କରିବାକୁ ଖସଡ଼ା ପ୍ରସ୍ତୁତ ପାଇଁ ପ୍ରସ୍ତାବ ରଖିଥିଲେ। ଯେଉଁଥିରେ ପୌଢ଼ଶିକ୍ଷାଠାରୁ ଆରମ୍ଭ କରି ସାମାଜିକ ଦାୟିତ୍ୱବୋଧ ଭଳି ଅନେକ କାର୍ଯ୍ୟକ୍ରମ ଏଥିରେ ହୋଇପାରିବ ବୋଲି ସେ କହିଥିଲେ। ରୋଜାର ସମ୍ପାଦକ ଅଧାପକ ତପନ ମିଶ୍ର ବିବରଣୀ ପାଠ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧାରୋଡ଼ ଡିଭିଜନର ବରିଷ୍ଠ କାର୍ମିକ ଅଧିକାରୀ ସୁରେଶ କୁମାର ବେହେରା, ପୁରାତନ ଛାତ୍ର ତଥା ଆଇଆଇଟିର ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ସ୍କୁଲର ଅଧକ୍ଷା ସୁକାନ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୧୯୬୯ ମାଟ୍ରିକ ବ୍ୟାଚ୍ ପୁରାତନ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମରଣିକା 'ଆମ ସ୍କୁଲ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ବିଶ୍ୱନାଥ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ପ୍ରଣତି ସ୍ୱାଇଁ, ରଞ୍ଜିତ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରୋଜାର ଉପସଭାପତି ସୁବ୍ରତ ପଣ୍ଡା, ସହ ସମ୍ପାଦକ ନଳିନୀ ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଗୌରୀଶଙ୍କର ମହାନ୍ତି, ଗୌରୀଶଙ୍କର ପଣ୍ଡା ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଶିବିରରେ ଚିକିତ୍ସିତ ହେଲେ ୧୧୨୯ ରୋଗୀ

**ବେଗୁନିଆ ,୧୫। ୧୨ (ଡି.ଏନ.ଏ.)**



ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ ଅବସରରେ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

ବେଗୁନିଆ ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ରବିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ବେଗୁନିଆ ସଦର ମହକୁମାରେ ଥିବା ବୀଣାପାଣି ପାଠାଗାର ପରିସରରେ ଅନୁଷ୍ଠିତ ଶିବିରକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗୀୟ ଡାକ୍ତରମାନେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିକିତ୍ସିତ ହେବା ପରେ ବୁଦ୍ଧିଜୀବୀମାନେ ସଂଗ୍ରହ କରିଥିବା ଔଷଧକୁ ମାଗଣାରେ ଦିଆଯାଇଥିଲା। ଭେଷଜ ବିଭାଗରୁ ୨୧୬, ଶିଶୁରୋଗ ବିଭାଗରୁ ୧୪୭, ସ୍ତ୍ରୀରୋଗ ଓ ପ୍ରସୂତି ୭୬, ଦନ୍ତରୋଗ ୧୬୦, ହୃଦ୍‌ରୋଗ ୬୦, ମଧୁମେହ ରୋଗ ନିରୂପଣ ପାଇଁ ରକ୍ତ ଶର୍କରା ପରୀକ୍ଷା ୧୯୦, ସାଧାରଣ ଶଲ୍ୟ ୮୦, ଉଚ୍ଚ ରକ୍ତଚାପ ୨ଶହ ରୋଗୀଙ୍କୁ ମିଶାଇ ୧୧୨୯ ରୋଗୀ ଗୋଟିଏ ଦିନରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ଏଭଳି ଏକ ମହତ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ପ୍ରଭାତ କୁମାର ପ୍ରହରାଜ, ଅଭିମନ୍ୟୁ ଦାସ, କ୍ଷୀରୋଦ ପରିଡା, ପୁଲକ ସାହୁ, ଉମାକାନ୍ତ ଜୟସିଂ, ସରୋଜ ବେହେରା, ରାମଚନ୍ଦ୍ର ସାହୁଙ୍କ ସହ ବୀଣାପାଣି କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଆଗାମୀଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଥିଲେ।

### ସାହିତ୍ୟ ଉତ୍ସବ

**ଭୁବନେଶ୍ୱର (ବ୍ୟୁରୋ) ୧୫।୧୨**

ସାପ୍ତାହିକ ଖବରକାଗଜ ଓଡ଼ିଶା ମିରର ସାହିତ୍ୟ ଉତ୍ସବ ଶହୀଦନଗରସ୍ଥିତ ଓଡ଼ିଶା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଲୀପ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଉଚ୍ଚଶିକ୍ଷା ବିଭାଗର ଅନୁସଚିବ ମିତାରାଣୀ ବିଶ୍ୱାଳ, ଗୀତିକାର ବସନ୍ତରାଜ ସାମଲ, ନାଟ୍ୟକାର ରାଜେନ୍ଦ୍ର ରାଉଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ 'ଓଡ଼ିଆ ସାହିତ୍ୟର ଯୁବଲେଖକ ଓ ପାଠକ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସୌମ୍ୟା ମହାପାତ୍ର, ଆହୂତି ମହାନ୍ତି, କୃପାସିନ୍ଧୁ ପ୍ରଧାନ, ସୁନିତା ବାରିକ ପ୍ରମୁଖଙ୍କୁ 'ଓଡ଼ିଶା ମିରର ଯୁବ ପୁରସ୍କାର ୨୦୧୯' ପ୍ରଦାନ କରାଯାଇଥିଲା। ଓଡ଼ିଶା ମିରରର ପରିଚାଳନା ସମ୍ପାଦକ ଅଭୟ କୁମାର ଜେନା, କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ବାର୍ତ୍ତା ସମ୍ପାଦକ ସୁଧାଂଶୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବିଶ୍ୱଶାନ୍ତି ଲାଗି ଅଲେଖ ବ୍ରହ୍ମଧୁନି ସ୍ଥାପନ

**ଖୋର୍ଦ୍ଧା ଅଫିସ,୧୫।୧୨**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ପାଣିଓରା ଗ୍ରାମ ମହିମା ଆଶ୍ରମର ପଞ୍ଚମ ବାର୍ଷିକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ଧର୍ମ ଧାମ, ମହିମା ସମାଜ ଓ ମହିମା ଗାଦିର ସାଧୁସନ୍ଥଙ୍କ ପୌରୋହିତ୍ୟରେ ବିଶ୍ୱଶାନ୍ତି ନିମନ୍ତେ ଅଲେଖ ବ୍ରହ୍ମଧୁନି ସ୍ଥାପନ ଏବଂ ଅଖଣ୍ଡ ବ୍ରହ୍ମଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ଅହ୍ଲଣିଆ ବ୍ରହ୍ମପ୍ରସାଦ ଅଲେଖ ବ୍ରହ୍ମଙ୍କୁ ସମର୍ପଣ କରାଯାଇଥିଲା। ସାଧୁ ଗଦାଧର ଦାସ ଧର୍ମସଭା ପରିଚାଳନା କରିଥିଲେ। ସାଧୁ ସଚ୍ଚିଦାନନ୍ଦ ଦାସ, ଚୈତନ୍ୟ ଦାସ ପ୍ରବଚନ ଦେଇଥିଲେ। ଧର୍ମସଭା ଶେଷରେ ଉପସ୍ଥିତ ୧୫ ସାଧୁସନ୍ଥ ବିଶ୍ୱର ମଙ୍ଗଳ ନିମନ୍ତେ ଅଲେଖ ବ୍ରହ୍ମଙ୍କୁ ସାମୂହିକ ପ୍ରାର୍ଥନା କରିଥିଲେ। ମହୋତ୍ସବରେ ଭୀମ ଭୋଇ ଜଗତ ଉଦ୍ଧାର ହେଉ ଜନସେବା ସମିତିର ସଭାପତି ପବିତ୍ର ଦାସ, ସମସ୍ତ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଅଲେଖ ବ୍ରହ୍ମଧୁନିରେ ଘୃତ ପ୍ରଦାନ କରିଥିଲେ।



ବ୍ରହ୍ମଧୁନିରେ ଘୃତ ପ୍ରଦାନ କରାଯାଉଛି।

# ୫୪ତମ ଆନ୍ତଃ ଆଇଆଇଟି ସ୍ପୋର୍ଟସ୍ ମିଟ୍ ଉଦ୍‌ଘାଟିତ



ସ୍ପୋର୍ଟସ ମିଟ୍ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ପତାପ ଷଡଙ୍ଗୀ, ଦୂତି ଚାନ୍ଦ ଓ ଅନ୍ୟମାନେ।

**ଜଟଣୀ,୧୫।୧୨(ଡି.ଏନ.ଏ.)**

୫୪ତମ ଆନ୍ତଃ ଆଇଆଇଟି ସ୍ପୋର୍ଟସ୍ ମିଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛ। ଜଟଣୀସ୍ଥିତ ଆଇଆଇଟି କ୍ୟାମ୍ପସ୍ ମଧରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଆଥଲେଟ୍ ଦୂତି ଚାନ୍ଦ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଡଗପୁର ଓ ଜଟଣୀସ୍ଥିତ ଆଇଆଇଟି ଏହାକୁ ମିଳିତ ଭାବେ ଆୟୋଜନ କରୁଛନ୍ତି। ଜଟଣୀ ଆଇଆଇଟି କ୍ୟାମ୍ପସ୍‌ରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ୍, ଭଲିବଲ ପ୍ରତିଯୋଗିତା ଆୟୋଜିତ ହେଉଛି। ଖଡ଼ଗପୁର ଆଇଆଇଟି ପରିସରରେ ଅନ୍ୟ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହେବ। ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମିଟ୍‌ରେ ଦେଶର ୨୨ ଆଇଆଇଟିରୁ ଜଟଣୀ କ୍ୟାମ୍ପସ୍‌ରେ ୮୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଦ୍ୱିତୀୟ ପିଢ଼ିରେ ପ୍ରତିଷ୍ଠା ହୋଇଥିବା ଜଟଣୀସ୍ଥିତ ଆଇଆଇଟି ଏପରି ପ୍ରତିଯୋଗିତା ଆୟୋଜନର ସୁଯୋଗ ପାଇବା ପ୍ରଥମ ବୋଲି ଆଇଆଇଟି କର୍ତ୍ତୃପକ୍ଷ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜା କୁମାର, ଷ୍ଟୁଡେଣ୍ଟ ଆଫାୟାର୍ସର ଡିନ୍ ତଥା ଖେଳ ପରିଚାଳନା କମିଟିର ଚେୟାରମ୍ୟାନ୍ ପ୍ରଫେସର ଭି.ଆର୍. ପେଡିରେଡ୍ଡି, ଆବାହକ ଡ. ଶଙ୍କର୍ଷଣ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗୋଟିପୁଅ ନୃତ୍ୟ, ପାଇକ ଆଖଡା ଆଦି ପରିବେଷଣ ହୋଇଥିଲା।




ସ୍ପୋର୍ଟସ ମିଟ୍‌ରେ ଯୋଗ ଦେଇଥିବା ଖେଳାଳିମାନେ।

**ଆଜିଠୁ ଶ୍ରୀକ୍ଷେତ୍ର ମହୋତ୍ସବ**

**ପୁରୀ ଅଫିସ:** ଶ୍ରୀକ୍ଷେତ୍ର ମହୋତ୍ସବ କମିଟି ଆନୁକୂଲ୍ୟରେ ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଶ୍ରୀକ୍ଷେତ୍ର ମହୋତ୍ସବ ଆୟୋଜିତ ହେବ। ୫ଦିନ ବ୍ୟାପୀ ୮ସାହି ଯାଗା ଆଖଡ଼ାର ସାହିଯାତ ପରମ୍ପରାର ବିବିଧ ନୃତ୍ୟ, ସମରକଳା ପ୍ରଦର୍ଶିତ ହେବ। ଶ୍ରୀକ୍ଷେତ୍ରର ଅନନ୍ୟ କଳା,ସଂସ୍କୃତି ସାହିଯାତ ସଂସ୍କୃତିକୁ ଉଜ୍ଜିବିତ ଲକ୍ଷ୍ୟରେ ଏହି ମହୋତ୍ସବ ଆରମ୍ଭ ହୋଇଛି।



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ସାକ୍ଷୀଗୋପାଳ, ୧୫।୧୨(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜନୈକ ଯୁବତୀଙ୍କୁ ରବିବାର ବଳାତ୍କାର କରାଯାଇଥିବା ସତ୍ୟବାଦୀ ଥାନାରେ ନିଜେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମର ଜଣେ ୩୫ ବର୍ଷୀୟ ବ୍ୟକ୍ତି ତାଙ୍କୁ ଏଟିଏମ୍ ପାସ୍‌ୱାର୍ଡ ଜାଣିପାରୁନାହାନ୍ତି ବୋଲି ବାହାନା କରି ତାଙ୍କ ଘରକୁ ଡାକିଥିଲେ। ଘର ଭିତରେ ଏକ ଗାମୁଛାରେ ତାଙ୍କ ମୁହଁକୁ ବାନ୍ଧି ବଳାତ୍କାର କରିଥିଲେ। ପରେ ଯୁବତୀଜଣଙ୍କ କୌଣସିମତେ ତାଙ୍କ ମା'ଙ୍କୁ ଫୋନ କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ସତ୍ୟବାଦୀ ଥାନାରେ ୨୫୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନସ୍ଥାନରେ ଚଢ଼ାଉ କରୁଛନ୍ତି।

### ୧୯୯୧ ବ୍ୟାଚର ବନ୍ଧୁମିଳନ

**ସାକ୍ଷୀଗୋପାଳ,୧୫।୧୨(ଡି.ଏନ.ଏ):** ଶ୍ରୀରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୯୧ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଆଳସରଙ୍ଗ ଗ୍ରାମର ମା' ହରଚଣ୍ଡିଙ୍କ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବାବେଳେ ସ୍କୁଲ ଦିନର ସ୍ମୃତିକୁ ମନେ ପକାଇଥିଲେ। ରବିନାରାୟଣ ପୂଜାରୀ, ଶାଶ୍ୱତି ନନ୍ଦ, ପ୍ରଗତି ତ୍ରିପାଠୀ, ବିଜୟ କୁମାର ମିଶ୍ର ଏବଂ ମମତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରମିକ ସଚେତନତା ଶିବିର

**ନିମାପଡ଼ା,୧୫।୧୨(ଡି.ଏନ.ଏ.):** ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଫକୀରମୋହନ ବିଲ୍ଡିଂ ଆଣ୍ଡ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ(ଭୁବନେଶ୍ୱର) ସହାୟତାରେ ଏକ ଶ୍ରମିକ ସଚେତନତା ଶିବିର ସ୍ଥାନୀୟ ନିମାପଡ଼ା ଟାଉନ ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେ ବିଭିନ୍ନ ସରକାରୀ ଯୋଜନାର କିଭଳି ଲାଭପାଇବେ, ମୃତ୍ୟୁକାଳୀନ, ଦୁର୍ଘଟଣାଜନିତ ସହାୟତା, ଯନ୍ତ୍ରପାତି କ୍ରୟ ଓ ସାଇକେଲ ସହାୟତା ପାଇବେ ସେନେଇ ବାର୍ତ୍ତା ବାଣ୍ଟିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସାମାଜିକ କର୍ମୀ ବେଣୁଧର ସେନାପତି, ସରପଞ୍ଚ ପବିତ୍ର ମୋହନ ମହାପାତ୍ର, ଫକୀରମୋହନ ବିଲ୍ଡିଂ ଆଣ୍ଡ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନର ସଭାପତି ଭାଗୀରଥି ସେନାପତି, ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହାସହ ମନ୍ତ୍ରୀ ଦାଶ ୧୩ଜଣ ଶ୍ରମିକଙ୍କୁ ପଞ୍ଜୀକୃତ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଶିବିରରେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ।

### ଫନୀ ସହାୟତାରେ ଅନିୟମିତତା ଘଟଣା
### ପୁନଃ ତଦନ୍ତ ଲାଗି ସରପଞ୍ଚଙ୍କ ଆବେଦନ

**ବ୍ରହ୍ମଗିରି, ୧୫।୧୨(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକରେ ଫନୀ ସହାୟତା ପ୍ରଦାନରେ ଅନିମୟମିତତା ହୋଇଥିବା ନେଇ ଅଭିଯୋଗ ଆସୁଥିବାବେଳେ ଏ ନେଇ ଜଣେ ସରପଞ୍ଚ ପୁନଃ ତଦନ୍ତ ପାଇଁ ଶୁକ୍ରବାର ପୁରୀ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଫନୀ ବାତ୍ୟାରେ ବ୍ରହ୍ମଗିରି ଅଞ୍ଚଳରେ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ସମୟରେ ରାଜ୍ୟ ସରକାର ଏହି କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ଘୋଷଣା କରିଥିଲେ। ଏହି ସହାୟତା ପାଇଁ ଅନେକ ଆବେଦନ ଓ ତଦନ୍ତ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ଏହି ସହାୟତା ପାଇଁ ସରକାରୀ ଗାଇଡ ଲାଇନକୁ ମାନୁନାହାନ୍ତି। ଫଳରେ ଅନେକ ଅଯୋଗ୍ୟ ହିତାଧିକାରୀ ଏହି ସହାୟତା ପାଇଥିବାର ଅଭିଯୋଗ ହେବାପରେ ଜିଲାପାଳ ପୁନର୍ବାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମଗିରି ବ୍ଲକର ଚାପମାଣିକ ପଞ୍ଚାୟତରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ସହାୟତା ହାତେଇଥିବା ଅଭିଯୋଗ କରି ଏହାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

# ସ୍ୱଚ୍ଛ ସହର ଭାବେ ଉଦାହରଣ ସାଜିପାରିବ ପୁରୀ

**ସ୍ୱଚ୍ଛତା ବିନା ବିକାଶ ସମ୍ଭବ ନୁହେଁ**

- ଶରଧାବାଲିରୁ ସ୍ୱଚ୍ଛତାର ସଂକଳ୍ପ
- ଆବର୍ଜନା ନ ଦେଲେ ଘରକୁ ଯିବ ନୋଟିସ

**ପୁରୀ ଅଫିସ,୧୫।୧୨**



ଅତିଥିମାନେ ବଣ୍ଟା ଯିବାକୁ ଥିବା କପଡା ବ୍ୟାଗ୍ ଉନ୍ମୋଚନ କରୁଛନ୍ତି।

ସ୍ୱଚ୍ଛତା କ୍ଷେତ୍ରରେ ପୁରୀର ର୍‍ୟାଙ୍କିଙ୍ଗ ଏତେଟା ଭଲ ନାହିଁ। କିନ୍ତୁ ଆମକୁ ଏଥିରେ ସୁଧାର ଆଣିବାକୁ ପଡିବ। ଏଥିପାଇଁ ମିଳିତ ପ୍ରୟାସ ଲୋଡା। ସହରରେ ପ୍ରତ୍ୟେକ ଲୋକଙ୍କୁ ଏଥିରେ ଭାଗୀଦାର ହେବାକୁ ପଡିବ। ହାତରେ ହାତ ଏବଂ କାନ୍ଧରେ କାନ୍ଧ ମିଶାଇଲେ ଭାରତର ପ୍ରମୁଖ ସ୍ୱଚ୍ଛ ସହର ଭାବେ ପୁରୀ ବି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିପାରିବ ବୋଲି କହିଛନ୍ତି ଏମ୍‌ପି ପିନାକୀ ମିଶ୍ର। ରବିବାର ଶରଧାବାଲି ମୁକ୍ତାକାଶ ମଞ୍ଚରେ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ 'ମୋ ପୁରୀ ସ୍ୱଚ୍ଛ ପୁରୀ' ଅଭିଯାନର ସ୍ୱତନ୍ତ୍ର ସଂକଳ୍ପ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିନାକୀ କହିଥିଲେ, ସ୍ୱଚ୍ଛତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ନର୍ସରୀରୁ କେଜି ପିଲାଙ୍କୁ ସପ୍ତାହକୁ ଗୋଟିଏ ପିରିୟଡ୍ ସ୍ୱଚ୍ଛତା ସମ୍ପର୍କରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପଢାଯିବା ଦରକାର। ଫଳରେ ସେମାନେ ବି ଯାଇ ଘରେ ସ୍ୱଚ୍ଛତା ବିଷୟରେ ଅଭିଭାବକଙ୍କୁ ସଚେତନ କରିପାରିବେ ବୋଲି ଏମ୍‌ପି ମିଶ୍ର କହିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ଏଥିପାଇଁ ସହରବାସୀଙ୍କ ସହଯୋଗ ଦରକାର। ସବୁ ସରକାର କରିବେ ଏପରି ଭାବନା ମନରୁ ଦୂରେଇ ସହଯୋଗର ହାତ ବଢାଇବାକୁ ହେବ। ସହଯୋଗ ରହିଲେ ଏହି ଅଭିଯାନ ସଫଳ ହେବ। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ, ସ୍ୱଚ୍ଛତା ବିନା ବିକାଶ କେବେ ସମ୍ଭବ ନୁହେଁ। ବିକାଶ ଏବଂ ସ୍ୱଚ୍ଛତା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। କେହି କାହାକୁ ଛାଡି ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିବେ ନାହିଁ। ଏହି ପବିତ୍ର ଶ୍ରୀକ୍ଷେତ୍ର ଧାମରେ କୌଣସି ଶିଳ୍ପ କେବେ ସମ୍ଭବ ନୁହେଁ। ଆମ ପାଇଁ ଶିଳ୍ପ ହେଉଛି ମହାପ୍ରଭୁଙ୍କ ଶ୍ରୀମନ୍ଦିର ଏବଂ ସମୁଦ୍ର ବେଳାଭୂମି। ଆମର ଅତିଥି ହେଉଛନ୍ତି ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ। ଯେତେ ଅଧିକ ସଂଖ୍ୟକ ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତ ଆସିବେ ପୁରୀ ସହରର ଅର୍ଥନୀତି ସେତେ ସମୃଦ୍ଧ ହେବ। ତେଣୁ ସହରକୁ ସରସ ସୁନ୍ଦର କରିବା ରଖିବାର ଆବଶ୍ୟକତା ରହିଛି। ଏହାକୁ ସମସ୍ତେ ଅନୁଭବ କରିବା ଦରକାର। ପୁରୀ ସହରକୁ ସ୍ୱଚ୍ଛ ରଖିବା ନେଇ ଯେଉଁ ଅଭିଯାନ ଆରମ୍ଭ ହୋଇଛି ତାହା ଏକ ଆନ୍ଦୋଳନରେ ପରିଣତ ହେବା ଦରକାର ବୋଲି ପୂର୍ବତନ ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ସୁରେନ୍ଦ୍ର ନାଥ ଦାଶ, ଏ. ବିଶ୍ୱନାଥ ରାୟ ଏବଂ ଗୌରହରି ପ୍ରଧାନ ମଧ ପୌରସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ମୋ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସହରବାସୀଙ୍କୁ ଏଥିରେ ସହଯୋଗ କରିବା ଲାଗି ଆହ୍ୱାନ ଦେଇଥିଲେ। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ଦେବା ସହ ସ୍ୱଚ୍ଛତା କ୍ଷେତ୍ରରେ ପୁରୀକୁ ୧ ନମ୍ବର ସହର କରିବା ପାଇଁ ସମସ୍ତ ସହଯୋଗ ଲୋଡିଥିଲେ। ଏଥିସହ ସମସ୍ତଙ୍କୁ ସହରକୁ ସ୍ୱଚ୍ଛ ରଖିବା ଲାଗି ସଂକଳ୍ପ କରାଇଥିଲେ। ଏହି ଅବସରରେ ସ୍ୱଚ୍ଛ ସବାରୀ ଚାଳକମାନଙ୍କୁ ଟି-ସାର୍ଟ ପ୍ରଦାନ କରାଯିବା ସହ ସ୍ୱଚ୍ଛ ପୁରୀ ସଙ୍ଗୀତ ଉନ୍ମୋଚିତ ହୋଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଅଳିଆ ସଂଗ୍ରହ ପାଇଁ ହାଇଟେକ ଉପାୟ

ଜିଲାପାଳ ବଲୱନ୍ତ ସିଂ ମୋ ପୁରୀ ଓ ସ୍ୱଚ୍ଛ ପୁରୀ ଅଭିଯାନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବା ସହ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ ନିମନ୍ତେ ସହଯୋଗ କାମନା କରିଥିଲେ। ଜିଲାପାଳ କହିଥିଲେ, ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ ପାଇଁ ସହରରେ ୪୦ଟି ସ୍ୱଚ୍ଛ ସବାରୀ ଗାଡ଼ି ନିୟୋଜିତ ହୋଇଛି। ଯେଉଁ ଗଳିକୁ ଉକ୍ତ ସବାରୀ ଯାଇ ନ ପାରିଲେ ଇ-ରିକ୍ସା ନିୟୋଜିତ କରାଯିବ। ସହରର ୧୧ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (୩ ହଜାର ପରିବାରକୁ ନେଇ ଗୋଟିଏ) ବ୍ୟବସ୍ଥା ହେବ। ପ୍ରତ୍ୟେକ ବସ୍ତି ନିକଟରେ ପରିମଳ ଉଦ୍ୟାନ ପ୍ରତିଷ୍ଠା କରାଯିବ। ପ୍ରତି ଘରେ କ୍ୟୁଆର କୋଡ୍ ଲଗାଯିବ ଏବଂ ଆବର୍ଜନା ସଂଗ୍ରହକୁ ବୈଷୟିକ ବ୍ୟବସ୍ଥା ସହ ଯୋଡାଯିବ। ଆବର୍ଜନା ସଂଗ୍ରହରେ ସହଯୋଗ କରୁ ନ ଥିବା ଘରଗୁଡ଼ିକୁ ନୋଟିସ୍ ପଠାଯିବ। ଅଳିଆ ସଂଗ୍ରହ ଗାଡିରେ ଜିପିଏସ୍ ବ୍ୟବସ୍ଥା କରାଯାଇ ପ୍ରତି ମିନିଟରେ ଗତିବିଧି ଉପରେ ନଜର ରଖାଯିବ। ବାହାଘର ଏବଂ ଅନ୍ୟାନ୍ୟ ଭୋଜିଭାତରେ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ କରାଯିବ। ବଜାରରୁ ସାମଗ୍ରୀ କିଣିବାକୁ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏ କପଡ଼ା ବ୍ୟାଗ୍ ପ୍ରଦାନ କରାଯିବ। ପୁରୀକୁ ଐତିହ୍ୟ ସହରରେ ପରିଣତ କରାଯାଇ ପର୍ଯ୍ୟଟକଙ୍କ ମଧ୍ୟରେ ନୂତନ ଅନୁଭୂତି ଅଣାଯିବ ବୋଲି ଜିଲାପାଳ କହିଥିଲେ।

## ଅଳିଆ ଭିକ୍ଷା ମାଗିଲେ ଜିଲାପାଳ

ଭିକ୍ଷା ମାଗିଲେ ପୁରୀ ଜିଲାପାଳ। ଏହା ଶୁଣିବାକୁ ବୋଧହୁଏ ସମସ୍ତଙ୍କୁ ଅଡୁଆ ଲାଗୁଥିବ। ହଁ, ଏହା ସତ୍ୟ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଠିଆ ହୋଇ ପୁରୀ ସହରବାସୀଙ୍କୁ ଭିକ୍ଷା ମାଗିଛନ୍ତି ଜିଲାପାଳ ବଲୱନ୍ତ ସିଂ। ଏ ଭିକ୍ଷାରେ ସେ ଟଙ୍କା ପଇସା କିମ୍ବା ସୁନା ଅଳଙ୍କାର ମାଗିନାହାନ୍ତି, ମାଗିଛନ୍ତି ପ୍ରତ୍ୟେକ ପରିବାରରୁ ବାହାରୁଥିବା ଅଳିଆ। ରବିବାର ଶରଧାବାଲି ମୁକ୍ତାକାଶ ମଞ୍ଚରେ ଆୟୋଜିତ ହୋଇଥିଲା ମୋ ପୁରୀ ସ୍ୱଚ୍ଛ ପୁରୀ ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏଥିରେ ଜିଲାପାଳ ପୁରୀକୁ ସ୍ୱଚ୍ଛ ଏବଂ ସୁନ୍ଦର ସହର ଭାବେ ଗଢିତୋଳିବା ଲାଗି ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିପାଇଁ ପ୍ରତ୍ୟେକ ସହରବାସୀଙ୍କୁ ସେ ଅଳିଆ ଭିକ୍ଷା ମାଗୁଛନ୍ତି ବୋଲି କହିଥିଲେ। ଜିଲାପାଳ କହିଥିଲେ, ଏହି ଅଳିଆ ପୃଥକୀକରଣ କରି ଦେବାକୁ ପଡ଼ିବ। ପ୍ରତି ପରିବାର ଦୁଇଟି ଡଷ୍ଟବିନ ରଖିବେ। ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଅଳିଆକୁ ଅଲଗା କରି ଗୋଟିକରେ ଶୁଖିଲା ଏବଂ ଅନ୍ୟଟିରେ ଓଦା ଅଳିଆ ପକାଇବେ। ସକାଳୁ ଘର ଆଗରେ ସ୍ୱଚ୍ଛ ସବାରୀ ଗାଡି ପହଞ୍ଚିବା ପରେ ସେଥିରେ ଏହି ଅଳିଆ ଦେବାକୁ ନିବେଦନ କରିଥିଲେ ଜିଲାପାଳ।

## ବଡ଼ଦାଣ୍ଡକୁ ଆମିଷମୁକ୍ତ ପାଇଁ ମହେଶ୍ୱରଙ୍କ ପ୍ରସ୍ତାବ

ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିବା ଅବସରରେ ମହେଶ୍ୱର କହିଥିଲେ, ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର କରିବାର ଯେଉଁ ସଂକଳ୍ପ ରଖାଯାଇଛି ସେଥିରେ ପବିତ୍ରତାକୁ ନ ଯୋଡିଲେ ଏହା କେଉଁଠି ନା କେଉଁଠି ଅସମ୍ପୂର୍ଣ୍ଣ ରହିଯିବ। ସ୍ୱଚ୍ଛତା ସହିତ ସହରର ପବିତ୍ରତାକୁ ମଧ ଯୋଡାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବଡ଼ଦାଣ୍ଡ (ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର), ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ପୁରୀ ସହରର ପ୍ରବେଶ ପଥ ଅଠରନଳା ଏହିସବୁ ଅଞ୍ଚଳକୁ ଆମିଷମୁକ୍ତ କରିବା ଲାଗି ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ମହେଶ୍ୱରଙ୍କ ଏହି ପ୍ରସ୍ତାବକୁ ସମସ୍ତେ ସମର୍ଥନ କରିଥିବାବେଳେ ପୂର୍ବରୁ ଏହା କାର୍ଯ୍ୟକାରୀ ହେବା ଦରକାର ଥିଲା ବୋଲି ସଭାସ୍ଥଳରେ ଲୋକେ ପରସ୍ପର କୁହାକୁହି ହେଉଥିଲେ।

## ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର

ମୋ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର କହିଥିଲେ, ପୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମେଗା ପରିକଳ୍ପନା ରହିଛି। ପୂର୍ବରୁ ପୁରୀକୁ ଐତିହ୍ୟ ସହର କରିବା ଲାଗି ମଧ ଘୋଷଣା କରିସାରିଛନ୍ତି। ଆସନ୍ତା ୫ ବର୍ଷ ମଧରେ ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର କରିବା ଲାଗି ମୁଖ୍ୟମନ୍ତ୍ରୀ ସଂକଳ୍ପ କରିଛନ୍ତି। ଏଥିସହ ପୁରୀକୁ ଟୁରିଜମ୍ ଏବଂ ଆଇଟି ହବ୍ କରିବାକୁ ମଧ ସଂକଳ୍ପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳତାରରେ ଆମ ସମସ୍ତଙ୍କୁ ଭାଗିଦାର ହେବାକୁ ପଡିବ ବୋଲି ପିନାକୀ କହିଛନ୍ତି। ତେବେ ପିନାକୀଙ୍କ ଏହି ବକ୍ତବ୍ୟ ପରେ କେବେ ମୁଖ୍ୟମନ୍ତ୍ରୀଙ୍କ ଏହି ସଂକଳ୍ପ ବାସ୍ତବତାର ରୂପ ନେଉଛି ତାହାକୁ ଅପେକ୍ଷା କରିଛନ୍ତି ସହରବାସୀ।

# ମହାପୁରୁଷଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୁଅନ୍ତୁ

**ପୁରୀ ଅଫିସ, ୧୫।୧୨**


ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଭାରତୀୟ ସଂସ୍କୃତି, ପରମ୍ପରା ବିଶ୍ୱକୁ ମାର୍ଗଦର୍ଶନ କରୁଛି। ଛାତ୍ର ସମାଜ ଦେଶର ଭବିଷ୍ୟତ। ସେମାନଙ୍କ ଶାରୀରିକ, ମାନସିକ, ଆଧାତ୍ମିକ ଓ ରାଷ୍ଟ୍ରୀୟ ଭାବ, ନୈତିକ ଓ ମୂଲ୍ୟବୋଧର ବିକାଶ ଲକ୍ଷ୍ୟରେ ସରସ୍ୱତୀ ଶିଶୁମନ୍ଦିର କାର୍ଯ୍ୟ କରି ଆସୁଛି। ମହାନ ଯୋଗଜନ୍ମା ମହାପୁରୁଷ, ମହିୟସୀ ମହିଳା, ସାଧୁସନ୍ଥ ଏ ଦେଶରେ ଜନ୍ମଲାଭ କରିଛନ୍ତି। ସେମାନଙ୍କ ନିଷ୍ଠା,ଆଦର୍ଶ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବା ଉଚିତ ବୋଲି ରବିବାର ଶରଧାବାଲିଠାରେ ଆୟୋଜିତ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶ ବାର୍ଷିକୋତ୍ସବରେ ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ଓଡ଼ିଶା ପୂର୍ବପ୍ରାନ୍ତ ସହ କାର୍ଯ୍ୟବାହ ଇଂ.ସୁଦର୍ଶନ ଦାସ କହିଥିଲେ। ବିଦ୍ୟାଳୟର ପରିଚାଳନା ସଭାପତି ଭୀମସେନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଶୋକ ମହାପାତ୍ର, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ମଣ୍ଡଳଶିକ୍ଷାଧିକାରୀ ମମତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରଭାକର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି କୋଷାଧକ୍ଷ ସର୍ବେଶ୍ୱର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ମଧୁଲେଖାକୁ ଉନ୍ମୋଚନ କରିଥିଲେ। କୃତୀ ଓ ମେଧାବୀ ଛାତ୍ରୀଛାତ୍ର ସମ୍ମାନିତ ହୋଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ୩ ଗୁରୁତର

**ସାକ୍ଷୀଗୋପାଳ, ୧୫।୧୨ (ଡି.ଏନ.ଏ)**

ଭୁବନେଶ୍ୱର-ପୁରୀ ବାଇପାସର ସାକ୍ଷୀଗୋପାଳ କଲେଜ ଛକରେ ରବିବାର ସକାଳେ ଏକ ବାଇକ ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ବିଜୟ ମଲ୍ଲିକ (୩୫), ଝିଅ ଲିସା (୩) ଏବଂ ତାଙ୍କ ଝିଆରୀ ଲିଜା ମଲ୍ଲିକ (୧୫)। ସେମାନେ ମୋଟରସାଇକେଲ ଯୋଗେ କଲେଜ ଛକ ରାସ୍ତାରେ ଯାଉଥିବାବେଳେ ପଛପଟୁ ଏକ ସ୍ପିଡ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଜୋରରେ ହୋଇଥିବାରୁ ସେମାନେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ।


କୃତୀ ଛାତ୍ରୀଛାତ୍ରଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ଓ ଅନ୍ୟମାନେ।

## ରାଜ୍ୟସ୍ତରୀୟ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା

**ନିମାପଡ଼ା,୧୫।୧୨(ଡି.ଏନ.ଏ.)**

ନିମାପଡ଼ାସ୍ଥିତ ଆଦର୍ଶ କଲଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରଦର୍ଶନୀ, ପୁରସ୍କାର ବିତରଣୀ ସମାରୋହ ସ୍ଥାନୀୟ ଟାଉନ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ମାନବାଧିକାର ଆୟୋଗର ସଦସ୍ୟ ଶିବସୁନ୍ଦର ସ୍ୱାଇଁ, ଧଉଳି ଆର୍ଟ କଲେଜର ଅଧ୍ୟାପକ ଚନ୍ଦନ ସାମଲ, ଓଡ଼ିଶା ଶିଳ୍ପୀ ମହାସଂଘର ଉପସଭାପତି ଶିଳ୍ପୀ ଶରତଚନ୍ଦ୍ର ପ୍ରଧାନ, ସିନେ କଳାକାର ଚିନ୍ତାମଣି ବିଶ୍ୱାଳ, ଆଦର୍ଶ କଲଚରାଲ ଟ୍ରଷ୍ଟର ନିର୍ଦ୍ଦେଶିକା ପ୍ରଜ୍ଞାପରାମିତା ପରିଡା, ଅଧକ୍ଷ ଶାରଦା ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ପ୍ରାୟ ୪ଶହ ଶିଶୁ ଚିତ୍ରଶିଳ୍ପୀ ଯୋଗଦେଇ ଚିତ୍ରାଙ୍କନ ଓ କଳାର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଓ ଚିତ୍ରାଙ୍କନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧ଶହ କୁନି ଛାତ୍ରୀଛାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

## ଅଫିସର୍ସ କ୍ଲବର ପ୍ଲାଟିନମ୍ ଜୁବିଲି

**ପୁରୀ ଅଫିସ, ୧୫।୧୨**

ଦି କଲେକ୍ଟୋରେଟ୍ ମିନିଷ୍ଟରିଆଲ ଅଫିସର୍ସ ରିକ୍ରେସନ କ୍ଲବ ପୁରୀର ପ୍ଲାଟିନମ ଜୁବିଲି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ବଲୱନ୍ତ ସିଂ ଏବଂ ସମ୍ମାନିତ ଅତିଥି ଭାବେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ଏବଂ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଆଗାମୀ ଦିନରେ କ୍ଲବକୁ ଅଧିକ ମଜବୁତ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ ଓ ମାମା ମହାନ୍ତି ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ରୀଡ଼ା ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସହ କଲେକ୍ଟୋରେଟର ସହକାରୀ ସହାୟକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। କ୍ଲବର ପୂର୍ବତନ ସଭ୍ୟ ଏବଂ ପୁରୀର ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସନ୍ତୋଷ କୁମାର ମହାନ୍ତି, ବିଜୟ କୁମାର ଦାସ, ଜ୍ଞାନରଞ୍ଜନ ଦାସ, ସୁକାନ୍ତ ପଲେଇ, ଶେଷଦେବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଭାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ**

# ରଙ୍ଗତୂଳୀରେ ସ୍ୱଚ୍ଛତାର ବାର୍ତ୍ତା

**ପୁରୀ ଅଫିସ, ୧୫।୧୨**


ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ସିଂହଦ୍ୱାର ସମ୍ମୁଖରେ ପ୍ରତି ରବିବାର ସକାଳେ ଅନୁଷ୍ଠିତ ହେଉଛି ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମବେତ ହେଉଥିବାବେଳେ ଯୋଗ, ଓଡ଼ିଶୀ, ଚିତ୍ରାଙ୍କନ, ସାମୁହିକ ପ୍ରାର୍ଥନା ସାଙ୍ଗକୁ ସଂକୀର୍ତ୍ତନ ଓ ଧର୍ମଗ୍ରନ୍ଥ ପାଠ ବି କରାଯାଉଛି। ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା ଏହି ଆଧାତ୍ମିକ କାର୍ଯ୍ୟକ୍ରମ। ଏଥିରେ ଆକର୍ଷଣ ସାଜିଥିଲା ରଙ୍ଗତୂଳୀରେ ସ୍ୱଚ୍ଛ ପୁରୀର ବାର୍ତ୍ତା। ପୁରୀ ସହରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଦରକାର। ରଙ୍ଗତୂଳୀରେ କାନ୍‌ଭାସ ଉପରେ ଏମିତି ବାର୍ତ୍ତା ଦେଇଥିଲେ ଶିଳ୍ପୀମାନେ। ଗୁରୁ ଦୁର୍ଗାମାଧବଙ୍କ କରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଶିଳ୍ପୀମାନେ ପୁରୀ ସହରର ସ୍ୱଚ୍ଛତା ଉପରେ ଏମିତି ଚିତ୍ର କରିଥିଲେ, ଯାହାକି ଦେଖାଣାହାରୀଙ୍କ ବେଶ୍ ଆକର୍ଷଣ ସାଜିଥିଲା।

ପ୍ରଥମେ ଶଙ୍ଖଧ୍ୱନିଏବଂ ବେଦଧ୍ୱନିସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହନ୍ତ ଡ. ରାମଚରଣ ଦାସମହାରାଜ, ଶ୍ରୀମନ୍ଦିର ପୁରୋହିତ ପଦ୍ମନାଭ ମହାପାତ୍ର, ଡ. ପ୍ରଭାତ ମହାପାତ୍ର ଓ ପଣ୍ଡିତ ବିଶ୍ୱମ୍ଭର ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ଧର୍ମଗ୍ରନ୍ଥ ପାଠ କରାଯିବା ସହ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା କରାଯାଇଥିଲା। ଏହାପରେ ସାମୂହିକ ପ୍ରାର୍ଥନା ଗାନ କରାଯାଇଥିଲା। ଡ. ନରେଶ ଚନ୍ଦ୍ର ଦାଶ ଭକ୍ତକବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ରଚନାରୁ ବୋଲିଥିଲେ ମଣିମା ଶୁଣିମା ହେଉ ଗରିବ ଡାକ...। ତାଙ୍କ ସ୍ୱର ସହିତ ତାଳ ଦେଇ ସମବେତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ପ୍ରାର୍ଥନା ଗାନ କରିଥିଲେ। ଆଲୋକ ଯୋଗ ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରାଯାଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଶ୍ରୀଗୀତଗୋବିନ୍ଦ (ଓଡ଼ିଶୀ) ନୃତ୍ୟ ପରିବେଷଣ କରିଥିଲେ। ପରେ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏହି ପରିକ୍ରମାରେ ସମସ୍ତେ ସାମିଲ ହୋଇଥିଲେ। ଏତଦ୍‌ବ୍ୟତୀତ ରଙ୍ଗୋଲି ଏବଂ ଚିତ୍ରାଙ୍କନ ବେଶ୍ ଆକର୍ଷଣୀୟ ସାଜିଥିଲା। କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସଂଯୋଜନା କରିଥିବାବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।